RNI No.ODIODI/2010/33031
୧୬ ବର୍ଷ Volume-16
ISSUE -292 ସଂଖ୍ୟା-୨୯୨
ଭୁବନେଶ୍ୱର, ଶୁକ୍ରବାର ୦୬ ଫେବୃଆରୀ ୨୦୨୬
Bhubaneswar, Friday 06 February, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ 'ନ୍ୟାସନାଲ୍ ଡିଫେନ୍ସ କଲେଜ୍' ପ୍ରଶିକ୍ଷାର୍ଥୀ ଅଧିକାରୀଗଣ



- ୫ ଦେଶର ସେନା ବାହିନୀ ଅଧିକାରୀଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ
- ଓଡ଼ିଶାର ଦ୍ରୁତ ବିକାଶକୁ ଭାରତୀୟ ସଶସ୍ତ୍ର ବାହିନୀର ଭୁରିଭୁରି ପ୍ରଶଂସା
- ଆମପାଇଁ 'ଦେଶ'ର ଅର୍ଥ କେବଳ ଜାତୀୟ ସେବା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୨(ନି.ପ୍ର.): ଅଧ୍ୟୟନ ପରିଦର୍ଶନ କାର୍ଯ୍ୟକ୍ରମରେ ଓଡ଼ିଶା ଆସିଥିବା ଦିଲ୍ଲୀ ସ୍ଥିତ ନ୍ୟାସନାଲ୍ ଡିଫେନ୍ସ କଲେଜ୍ର ପ୍ରଶିକ୍ଷାର୍ଥୀ ଅଧିକାରୀଗଣ ଆଜି ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି।

ଏହି ଅଧ୍ୟୟନ ପରିଦର୍ଶନ କାର୍ଯ୍ୟକ୍ରମରେ ଭାରତୀୟ ସଶସ୍ତ୍ର ବାହିନୀର ଅଧିକାରୀ ମାନଙ୍କ ସମେତ ଆର୍ମେନିଆ, ଭୁଟାନ, ଶ୍ରୀଲଙ୍କା, ମଙ୍ଗୋଲିଆ, ଏବଂ ନେପାଳର ସେନାବାହିନୀ ଅଧିକାରୀ ମାନେ ମଧ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମପାଇଁ 'ଦେଶ' ର ଅର୍ଥ ହେଉଛି କେବଳ ଜାତୀୟ ସେବା। ଏହା ଆମର ପ୍ରତିବଦ୍ଧତା। ପ୍ରତ୍ୟେକ ସାମରିକ ଅଧିକାରୀଙ୍କ ଭାବାବେଗ ସହିତ ଆମର ଏହି ମନୋଭାବ ଗଭୀର ଭାବରେ ଜଡ଼ିତ ବୋଲି ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ କହିଥିଲେ। ଅପରେସନ ସିନ୍ଦୁରର ସଫଳତା ଓ ଭାରତୀୟ ସଶସ୍ତ୍ର ବାହିନୀର କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅପରେସନ ସିନ୍ଦୁର ସମୟରେ ଆମର ବାହିନୀ ଦ୍ୱାରା ଦେଖାଯାଇଥିବା ସାହସ ଏବଂ ସାହସିକତାକୁ ମୁଁ ସଲାମ କରୁଛି। ଏହି ଅପରେସନ୍ ଆପଣଙ୍କ ଶୃଙ୍ଖଳା, ଦୃଢ଼ ପ୍ରତିବଦ୍ଧତା ଏବଂ ନିଃସ୍ୱାର୍ଥପର ସେବାର ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିସହିତ, ମୁଖ୍ୟମନ୍ତ୍ରୀ ପ୍ରାଚୀନ ଓଡ଼ିଶାର ବୀରତ୍ୱ ଏବଂ ପରାକ୍ରମ ଉପରେ ଆଲୋକପାତ କରିବା ସହିତ ଶିଳ୍ପ, ଭିତ୍ତିଭୂମି, ଶିକ୍ଷା, କ୍ରୀଡ଼ା ଏବଂ ବିପର୍ଯ୍ୟୟ ପରିଚାଳନାରେ, ଆମ ରାଜ୍ୟ ଆଜି ସମଗ୍ର ଭାରତରେ କିଭଳି ଏକ ନୂତନ ପରିଚୟ ସୃଷ୍ଟି କରିଛି, ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ।

ଏହି ଅବସରରେ ବିଭିନ୍ନ ଦେଶରୁ ଆସିଥିବା ଅଧିକାରୀ ମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ଏବଂ ସବୁକ୍ଷେତ୍ରରେ ଓଡ଼ିଶାର ଦ୍ରୁତ ବିକାଶ ଦେଖି ପ୍ରଶଂସା କରିଥିଲେ। ଏଥିରେ ଭାରତୀୟ ସଶସ୍ତ୍ର ବାହିନୀର ବରିଷ୍ଠ ଅଧିକାରୀ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିବା ଦେଶର ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନାରେ ଯୋଗଦେଇଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଏୟାର ମାର୍ଶାଲ ମନୀଷ କୁମାର ଗୁପ୍ତା, ମେଜର ଜେନେରାଲ ସିପି ସାଙ୍ଗରା, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଭାରତୀୟ ସଶସ୍ତ୍ର ବାହିନୀର ଅଧିକାରୀଗଣ ପ୍ରମୁଖ ଉପସ୍ଥିତ ଥିଲେ।

## ଚେନ୍ନାଇ ସେଣ୍ଟ୍ରାଲ୍ ଏକ୍ସପ୍ରେସ୍ ଲାଇନଚ୍ୟୁତ

ଯାଜପୁର,୫।୨(ନି.ପ୍ର.):: ଯାଜପୁର ରୋଡ୍ ଷ୍ଟେଶନ ନିକଟରେ ଚେନ୍ନାଇ ସେଣ୍ଟ୍ରାଲ୍ ଏକ୍ସପ୍ରେସ୍ ଲାଇନଚ୍ୟୁତ । ଯଖପୁରା ଷ୍ଟେଶନ ନିକଟରେ ଟ୍ରାକରୁ ଖସିଛି ୩ଟି ବଗି । ଆରମ୍ଭରୁ ଦୁଇଟି ବଗି ଛାଡି ତିନୋଟି ବଗି ଲାଇନଚ୍ୟୁତ ହୋଇଛି । ଯଦି କହିବା ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି ଲୋକେ । ତେବେ ଉଦ୍ଧାର ପାଇଁ ଭଦ୍ରକୁ ଏକ ରେସକ୍ୟୁ ଟିମ ଯଖପୁରା ଷ୍ଟେଶନ ଅଭିମୁଖେ ଯାଇଥିବା ସୂଚନା ରହିଛି । ତେବେ କେଉଁ ପରିସ୍ଥିତିରେ ତିନୋଟି ବଗି ଲାଇନଚ୍ୟୁତ ହେଲା ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରି ନାହିଁ । ସେହିପରି ଟ୍ରେନରେ କେତେ ଜଣ ରହିଥିଲେ ସେନେଇ ମଧ୍ୟ କୌଣସି ତଥ୍ୟ ମିଳିପାରି ନାହିଁ । ତେବେ ଦୁର୍ଘଟଣାରେ କେହି ମୃତାହତ ହୋଇନଥିବା ନେଇ ପୂର୍ବତଟ ରେଳବାଇର ମୁଖ୍ୟ ଲୋକ ସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି । ଦୁର୍ଘଟଣାର କାରଣ ଖୋଜିବା ପାଇଁ ଘଟଣାସ୍ଥଳକୁ ବରିଷ୍ଠ ଅଧିକାରୀ ଯାଇଛନ୍ତି । ସମସ୍ତ ଯାତ୍ରୀଙ୍କୁ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ପାଇଁ ଯୋଜନା ହୋଇଛି ବୋଲି ସେ କହିଛନ୍ତି ।

## ଓଏଏସ୍ ସ୍ତରରେ ଅଦଳବଦଳ
### ଅରବିନ୍ଦ ପାଢ଼ୀଙ୍କୁ ରାଜସ୍ୱ ବିଭାଗ

ଭୁବନେଶ୍ୱର,୫।୨(ନି.ପ୍ର.):: ଓଡିଶା ସରକାର ସଚିବ ସ୍ତରରେ ବଡ଼ ଅଦଳବଦଳ କରିଛନ୍ତି। ଅନେକ ଅଭିଜ୍ଞ ଓଇଏ ଅଧିକାରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ସହ ଅତିରିକ୍ତ କାର୍ଯ୍ୟଭାର ମଧ୍ୟ ଅର୍ପଣ କରାଯାଇଛି।

ବରିଷ୍ଠ ଅଧିକାରୀ ଅରବିନ୍ଦ ପାଢ଼ୀଙ୍କୁ ରାଜସ୍ୱ ବିଭାଗକୁ ବଦଳି କରାଯାଇଛି। ଏଥିସହ ସେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାୟିତ୍ୱରେ ମଧ୍ୟ ବଜାୟ ରହିବେ। ବର୍ତ୍ତମାନ ଉନ୍ନୟନ କମିଶନର ଭାବେ କାର୍ଯ୍ୟରତ ଦେଓ ରଞ୍ଜନଙ୍କୁ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

ଉଷା ପାଢ଼ୀଙ୍କୁ ଇଡ୍କୋ ଅଧ୍ୟକ୍ଷା ଭାବେ ଦାୟିତ୍ୱ ମିଳିଛି। ଏହା ସହିତ ସେ ନଗର ଉନ୍ନୟନ ବିଭାଗର ଦାୟିତ୍ୱରେ ମଧ୍ୟ ରହିବେ। ସୁରେନ୍ଦ୍ର କୁମାରଙ୍କୁ ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ଦାୟିତ୍ୱ ମିଳିଛି। ଏହା ବ୍ୟତୀତ ସେ ସାଧାରଣ ପ୍ରଶାସନ ବିଭାଗର କାର୍ଯ୍ୟ ମଧ୍ୟ ତୁଲାଇବେ।

ବିଷ୍ଣୁପଦ ସେଠୀଙ୍କୁ ଓଡ଼ିଶା ବନ ଉନ୍ନୟନ ନିଗମ ର ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଥିବା ବେଳେ ତାଙ୍କୁ କେବିକେ ମୁଖ୍ୟ ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଚିତ୍ରା ଅରୁମୁଗମଙ୍କୁ ଗୋପବନ୍ଧୁ ଏକାଡେମୀର ଡିଜି ଭାବେ ଦାୟିତ୍ୱ ମିଳିଛି। ଏଥିସହିତ ସେ ଶ୍ରମ ଏବଂ ବିଜ୍ଞାନ ଓ କାରିଗରୀ ବିଭାଗର ଦାୟିତ୍ୱ ମଧ୍ୟ ସମ୍ଭାଳିବେ।ସେହିପରି ଶୁଭା ଶର୍ମାଙ୍କୁ ଜଳସମ୍ପଦ ବିଭାଗର ନୂଆ ପ୍ରମୁଖ ସଚିବ, ଏନବିଏସ୍ ରାଜପୁତଙ୍କୁ ପରିବହନ ପ୍ରମୁଖ ସଚିବ ସହ ଓଏସ୍ଆରଟିସି ଦାୟିତ୍ୱ, ଗିରିଶ ଏସଏନ୍ ଙ୍କୁ ଓଏମ୍ସି ଅଧ୍ୟକ୍ଷ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ସାଦୀକ୍ ଆଲମଙ୍କୁ କ୍ରୁଟର ନୂଆ ଏମ୍ଡି, ମାନ୍ସୀ ନିମ୍ଭାଲଙ୍କୁ ମିଶନ ଶକ୍ତି ବିଭାଗ ସଚିବ, ସଚିନ ରାମଚନ୍ଦ୍ର ଯାଦବଙ୍କୁ କୃଷି ସଚିବ ସହ କ୍ରୀଡ଼ା ଓ ଯୁବ ବ୍ୟାପାର ଏବଂ ବଳୱନ୍ତ ସିଂହଙ୍କୁ ଓଡ଼ିଶା ହାଇୱେ ଅଥରିଟିର ଏମ୍ଡି ଏବଂ ପର୍ଯ୍ୟଟନ ବିଭାଗ ଦାୟିତ୍ୱ ମିଳିଛି।

# ମାଓ ମୁକ୍ତ ହେଲା କୋରାପୁଟ

କୋରାପୁଟ,୫।୨(ନି.ପ୍ର.): ମାଓ ଦମନ କ୍ଷେତ୍ରରେ କୋରାପୁଟ ପୋଲିସକୁ ଏକ ବଡ଼ ସଫଳତା ପ୍ରାପ୍ତି ହୋଇଛି । ଆଜିଠାରୁ ମାଓ ମୁକ୍ତ ହୋଇଛି କୋରାପୁଟ ଜିଲ୍ଲା । ସିପିଆଇ ମାଓବାଦୀ ମମତା ପୋଡ଼ିଆମୀର ଆତ୍ମସମର୍ପଣ ସହିତ କୋରାପୁଟ ଜିଲ୍ଲାକୁ ମାଓ ମୁକ୍ତ ଘୋଷଣା କରିଛନ୍ତି




## ଆତ୍ମସମର୍ପଣ କଲେ ମମତା

ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଳ ସିଂହ ।

ମମତା ପୋଡ଼ିଆମୀ ବନ୍ଧୁକ ସହିତ କୋରାପୁଟ ଏସପିଙ୍କ କାର୍ଯ୍ୟାଳୟରେ ଅସ୍ତ୍ରଶସ୍ତ୍ର ସହିତ ଆତ୍ମସମର୍ପଣ କରିଛି। ସେ ଛତିଶଗଡ଼ ବୀଜାପୁର ଜିଲ୍ଲା ପେମଡ ଥାନା ଲିଙ୍ଗାପୁରମ ଗ୍ରାମର ମୂଳ ବାସିନ୍ଦା ଅଟେ । ଏହି ସମୟରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି, ବିଏସ୍ଏଫ୍ ଡିଆଇଜି, ବିଏସଏଫ୍ କମାଣ୍ଡାଣ୍ଟ, ଜୟପୁର ଏସଡିପି ପ୍ରମୁଖ ଉପସ୍ଥିତ ଥିଲେ । ମମତା ଏସ୍ଏଲ୍ଆର୍ ବନ୍ଧୁକ, ମାଗାଜିନ ଏବଂ ୧୦ଟି ଗୁଳିକୁ ଏପସିଙ୍କ ନିକଟରେ ଦାଖଲ କରିଛି । ଏହି ଆତ୍ମସମର୍ପଣ ସିପିଆଇଏମକୁ ଏକ ବଡ଼ ଧକ୍କା ବୋଲି କହିଛନ୍ତି ଏସପି ।

ଓଡ଼ିଶା ସରକାରଙ୍କ ଘୋଷଣା ଅନୁଯାୟୀ ମମତାକୁ ୫ ଲକ୍ଷ ୫୦ ହଜାର ଟଙ୍କା ସହିତ ବନ୍ଧୁକ ପାଇଁ ୧ ଲକ୍ଷ ୬୫ ହଜାର ଟଙ୍କା ପ୍ରଦାନ କରାଯିବ । ଆତ୍ମସମର୍ପଣ ସମୟରେ ଅନ୍ତରୀଣ ସହାୟତା ରାଶି ବାବଦକୁ ୫୦ ହଜାର ଟଙ୍କା ଦିଆଯାଇଛି । ସେହିପରି ଅନ୍ତୋଦୟ ଗୃହ ଯୋଜନାରେ ଘର ଏବଂ ବିବାହ ପାଇଁ ୨୫ ହଜାର ଟଙ୍କା ସହାୟତା ଦିଆଯିବ। ସେହିପରା ରାସନ କାର୍ଡ, ପ୍ରଧାନମନ୍ତ୍ରୀ ଗରୀବ କଲ୍ୟାଣ ଅନ୍ନ ଯୋଜନା ଆଦି ଦିଆଯିବ ।

ଅନ୍ୟ ଯେଉଁମାନେ ବି ମାଓ ହିଂସାରେ ଜଡ଼ିତ ଅଛନ୍ତି, ସମସ୍ତେ ଅସ୍ତ୍ର ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଡିଜିପି ଆହ୍ୱାନ କରିଛନ୍ତି ।

ଏଠାରେ ଉଲ୍ଲେଖ ଯୋଗ୍ୟ, ଗତକାଲି କ୍ୟାଡର୍ ମାଓବାଦୀ ସୁକ୍ରାମ ମାଡ଼କାମ ମାଲକାନଗିରି ଏସପିଙ୍କ ନିକଟରେ ଆତ୍ମ ସମର୍ପଣ କରିଥିଲା । ମୁଣ୍ଡ ଉପରେ ୨୧ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ସେହିପରି ମଙ୍ଗଳାବର ଦିନ ରାଉରକେଲା ପୋଲିସ ନିକଟରେ ୧୮ ବର୍ଷୀୟ ମାଓବାଦୀ ପ୍ରଭୁ ଆତ୍ମସମର୍ପଣ କରିଥିଲା । ଦକ୍ଷିଣାଞ୍ଚଳ ଆଇଜି ବ୍ରିଜେୟ କୁମାର ରାଏ ଏବଂ ରାଉରକେଲା ଏସପି ନିତେଶ ଗଡ଼ୱାନୀ ଏ ନେଇ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଥିଲେ । ସେ ଝାଡ଼ଖଣ୍ଡ ଦକ୍ଷିଣ ସିଂହଭୂମ ଜିଲ୍ଲାର ଛୋଟନାଗ୍ରା ଥାନା ହାଲାମୁଲି ଗ୍ରାମର ମୂଳ ବାସିନ୍ଦା ଅଟେ ।

## ୧୨ ମାଓବାଦୀ କଲେ ଆତ୍ମସମର୍ପଣ

ବିଜାପୁର,୫।୨(ନି.ପ୍ର.): ଭୁଷୁଡୁଛି ଲାଲ୍ଗଡ଼। ମାଲକାନଗିରି ଛତିଶଗଡ ସିମାନ୍ତ ବିଜାପୁର ଜିଲ୍ଲାରେ ଆଜି ୧୨ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ମାଓବାଦୀ ସଙ୍ଗଠନ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ନେଇ ସେମାନେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ୧୨ ଜଣ ମାଓବାଦୀଙ୍କ ମଧ୍ୟରୁ ୮ ଜଣ ମହିଳା ଓ ୪ ଜଣ ପୁରୁଷ ମାଓବାଦୀ ରହିଛନ୍ତି। ଏମାନଙ୍କ ମୁଣ୍ଡ ଉପରେ ପୂର୍ବରୁ ଛତିଶଗଡ ସରକାର ୫ ଲକ୍ଷ ୪୦ ହଜାର ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ଏମାନେ ଏକେ-୪୭, ଏସ୍ଏଲ୍ଆର୍ ବନ୍ଧୁକ, ୨୫୦ଟି ଜେଲାଟିନ୍ ଷ୍ଟିକ, ୪୦୦ଟି ଡିଟୋନିଟର ସହ ବିଜାପୁର ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସମସ୍ତଙ୍କୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

# ୫୭ ନୂଆ ଉପ ନିବନ୍ଧନ କାର୍ଯ୍ୟାଳୟ ଉଦ୍ଘାଟିତ

ଭୁବନେଶ୍ୱର,୫।୨(ନି.ପ୍ର.): ଏଣିକି ରାଜସ୍ୱ ସେବାରେ ଆଉ କୌଣସି ମଧ୍ୟସ୍ଥି ରହିବେ ନାହିଁ । ହାତ ପାହାନ୍ତାରେ ମିଳିଯିବ ରାଜସ୍ୱ ସେବା । ଆଉ ତହସିଲ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିବାକୁ ପଡ଼ିବ ନାହିଁ । ରାଜସ୍ୱ ପ୍ରଶାସନକୁ ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଓ ମଧ୍ୟସ୍ଥିମୁକ୍ତ କରିବା ପାଇଁ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଆମ ସାଥି ଆପ୍' ଏବଂ 'ହ୍ୱାଟସ୍ଆପ୍ ବଟ୍'ର ଶୁଭାରମ୍ଭ କରିଛନ୍ତି ।

ଲୋକସେବା ଭବନରେ ଉନ୍ମୋଚନ ମୁଖ୍ୟମନ୍ତ୍ରୀ ରାଜସ୍ୱ ବିଭାଗର ଏହି ଦୁଇଟି ସେବା ଶୁଭାରମ୍ଭ କରିଛନ୍ତି । ୯୪୩୭୨୯୨୦୦୦ ୱାଟ୍ସଆପ୍ ନମ୍ବର ମାଧ୍ୟମରେ ଲୋକମାନେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମୁଖ୍ୟ ନାଗରିକ କୈନ୍ଦ୍ରିକ ସେବା ଗୁଡିକ ସହ ୧୭୦ରୁ ଊର୍ଦ୍ଧ୍ୱ ଜରୁରୀ ସରକାରୀ ସେବାର ଲାଭ ଉଠାଇ ପାରିବେ । ଏହା ୨୪ ଘଣ୍ଟା ସେବା ଯୋଗାଇବ । ସେବା ପାଇବାରେ ବ୍ୟାଘାତ ହେଲେ ରାଜସ୍ୱ ବିଭାଗରେ ଅଭିଯୋଗ କରିପାରିବେ ଆବେଦନକାରୀ। ଏଥିସହ ମୁଖ୍ୟମନ୍ତ୍ରୀ ୫୭ଟି ଉପ ନିବନ୍ଧନ କାର୍ଯ୍ୟାଳୟର ମଧ୍ୟ ଉଦଘାଟନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏକ ସମର୍ପିତ ସରକାର ଭାବେ ଆମେ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ସହଜ ଓ ପ୍ରଯୁକ୍ତିବିଦ୍ୟା ଆଧାରିତ କରିଛୁ। ରାଜସ୍ୱ ପ୍ରଶାସନକୁ ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଓ ମଧ୍ୟସ୍ଥିମୁକ୍ତ କରିବା ପାଇଁ ଆମେ ବ୍ୟାପକ ସଂସ୍କାର ଆଣିଛୁ। ଏବେଠାରୁ 'ଆମ ସାଥି ଆପ୍' ଏବଂ ହ୍ୱାଟସ୍ଆପ୍ ବଟ୍ ମାଧ୍ୟମରେ ୧୧ଟି ଗୁରୁତ୍ୱପୂର୍ଣ୍ଣ ରାଜସ୍ୱ ସେବା ଲୋକଙ୍କ ନିକଟରେ ଉପଲବ୍ଧ ହେବ। ଏହା ମଧ୍ୟସ୍ଥିଙ୍କ ପ୍ରଭାବକୁ ମଧ୍ୟ ଦୂର କରିବ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲୋକମାନେ ଏବେ ଘରେ ବସି ସହଜରେ ବିଭିନ୍ନ ପ୍ରମାଣପତ୍ର ଓ ଅନ୍ୟାନ୍ୟ ରାଜସ୍ୱ ସେବା ପାଇପାରିବେ, ଯାହା ବ୍ୟବସ୍ଥାରେ ମଧ୍ୟସ୍ଥିଙ୍କ ପ୍ରଭାବକୁ ସମ୍ପୂର୍ଣ୍ଣ ରୂପେ ଦୂର କରିବ। ସେବା ପ୍ରଦାନରେ ସ୍ୱଚ୍ଛତା ହିଁ ଜନତାଙ୍କ ଭରସାକୁ ମଜବୁତ କରିବ ଏବଂ ଏହି ସ୍ୱଚ୍ଛତା ହିଁ 'ବିକଶିତ ଓଡ଼ିଶା' ଗଠନର ମୂଳଦୁଆ ସାଜିବ।

## ନିଜକୁ ଗୁଳି କରିଦେଲେ କନଷ୍ଟେବଲ

ନୟାଗଡ଼,୫।୨(ନି.ପ୍ର.): ନୟାଗଡ଼ ଜିଲ୍ଲା ରିଜର୍ଭ ପୋଲିସ କ୍ୟାମ୍ପସ୍ ଭିତରେ ଏକ ଅଭାବନୀୟ ଘଟଣା ଘଟିଛି । ଜଣେ କନଷ୍ଟେବଲ ବାରାକରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ଓଡ଼ଗାଁ ଥାନା ବେଗୁଁଆ ଗ୍ରାମର ସୁନୀଲ ସେଠୀ । ପୋଲିସ ମୃତ ଦେହକୁ ଜବତ କରିଛି । ସୁନୀଲ ୨୦୨୩ ବ୍ୟାଚ୍ର



କନଷ୍ଟେବଲ ଅଟନ୍ତି । ସୁନୀଲ ଗତକାଲି ରାତିରେ ପରିବାର ଲୋକଙ୍କ ସହିତ କଥା ହୋଇଥିଲେ । ଆଜି ସକାଳେ ବାରାକର ଛାତ ଉପରେ ଥିବା ଏକ ପାଣି ଟାଙ୍କି ପାଖରେ ତାଙ୍କର ମୃତ ଦେହ ପଡ଼ିଥିବାର ସହକର୍ମୀମାନେ ଦେଖି ଥିଲେ । ସେ ନିଜ ସର୍ଭିସ୍ ବନ୍ଧୁକରୁ ନିଜକୁ ଗୁଳି କରି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ପୋଲିସ ପକ୍ଷରୁ ପରିବାରକୁ ଖବର ଦିଆଯାଇଛି । ପରିବାର ସଦସ୍ୟ କହିଛନ୍ତି ଯେ ସେ ଗତକାଲି ରାତିରେ ବହୁତ ଭଲରେ କଥା ହୋଇଥିଲେ । ଆଜି ସକାଳେ ସେ ଘରକୁ ଯାଇଥାଆନ୍ତେ । ସୁନୀଲଙ୍କର ମାସେ ତଳେ ନିର୍ବନ୍ଧ ମଧ୍ୟ ସରିଥିଲା । ସେ ଖୁବ ଶୀଘ୍ର ବିବାହ କରିଥାଆନ୍ତି । ତାଙ୍କର କୌଣସି ମାନସିକ ଦୁର୍ଶ୍ଚିନ୍ତା ନ ଥିଲା ବୋଲି ପରିବାର ଲୋକେ କହିଛନ୍ତି । କିନ୍ତୁ ହଠାତ୍ କାହିଁକି ଏପରି ନିଷ୍ପତ୍ତି ନେଲେ ତାହା କେହି କିଛି ବୁଝି ପାରୁ ନାହାଁନ୍ତି । ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇ ଦେଇଛି । ରିପୋର୍ଟ ଆସିବା ପରେ ସମ୍ପୂର୍ଣ୍ଣ ଘଟଣା ସାମ୍ନାକୁ ଆସିବ ବୋଲି ଅନୁମାନ କରାଯାଉଛି ।

## କୋଇଲା ଖଣିରେ ବିସ୍ଫୋରଣ, ୧୦ ଶ୍ରମିକ ମୃତ

ଶିଲଂ,୫।୨(ନି.ପ୍ର.):: ମେଘାଳୟର ତାଶଖାଇ ଅଞ୍ଚଳରେ ଥିବା ଏକ କୋଇଲା ଖଣିରେ ଭୟଙ୍କର ବିସ୍ଫୋରଣ ହୋଇଛି। ଏହି ଘଟଣାରେ ଅତି କମ୍ରେ ୧୦ ଜଣ ଶ୍ରମିକଙ୍କ ମୃତ୍ୟୁ ହେବାର ସୂଚନା ଆସିଛି। ଦୁର୍ଘଟଣା ପରେ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳି ଯାଇଛି ଏବଂ ସ୍ଥାନୀୟ ପ୍ରଶାସନ ତଥା ପୁଲିସ ତତ୍କାଳ ରେସ୍କ୍ୟୁ ଅପରେସନ ଆରମ୍ଭ କରି ଦେଇଛନ୍ତି।

ସୂଚନା ଅନୁସାରେ , ତାଶଖାଇର କୋଇଲା ଖଣିରେ ହଠାତ୍ ଏକ ଜୋରଦାର ବିସ୍ଫୋରଣ ହୋଇଥିଲା , ଏହି କାରଣରୁ ଖଣି ଭିତରେ କାମ କରୁଥିବା ଶ୍ରମିକମାନେ ଏଥିରେ ପ୍ରଭାବିତ ହୋଇଥିଲେ। ବିସ୍ଫୋରଣ ଏତେ ଜୋରଦାର ଥିଲା ଯେ, ଖଣି ଭିତରେ ଥିବା ଶ୍ରମିକଙ୍କୁ ବାହାରକୁ ଆସିବା ପାଇଁ ଆଉ ସୁଯୋଗ ମିଳି ନଥିଲା। ଆଶଙ୍କା କରାଯାଉଛି ଯେ, ମୃତକଙ୍କ ମଧ୍ୟରେ ସବୁ ଶ୍ରମିକ ଆସାମ ବାସିନ୍ଦା। ହେଲେ ପ୍ରଶାସନ ପକ୍ଷରୁ ଏବେ କିଛି ଅଫିସିଆଲି ସ୍ପଷ୍ଟ ହୋଇ ନାହିଁ।

ସ୍ଥାନୀୟ ସୂତ୍ରାନୁସାରେ , ମୃତ ଶ୍ରମିକଙ୍କ ମଧ୍ୟରେ ଜଣେ ଆସାମର କଟିଗାରା ଅଞ୍ଚଳର ବିହାରା ଗାଁର ଥିବା କୁହାଯାଉଛି। ଦୁର୍ଘଟଣାର ସୂଚନା ପାଇବା କ୍ଷଣି ମେଘାଳୟ ପୁଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଯାଇଥିଲେ ଏବଂ ଉଦ୍ଧାର ଓ ସୁରକ୍ଷା କାର୍ଯ୍ୟ ଆରମ୍ଭ କରିଦିଆ ଯାଇଥିଲା। ଖଣି ଭିତରେ ଫସି ରହିଥିବା ଅନ୍ୟ ଶ୍ରମିକଙ୍କୁ ଖୋଜିବା ପାଇଁ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି। ପ୍ରଶାସନ ଆଖାପାଖ ଅଞ୍ଚଳକୁ ଘେରାବନ୍ଦୀ କରି ସୁରକ୍ଷା ବଢ଼ାଇ ଦେଇଛି, ଯାହାକି ଉଦ୍ଧାର କାର୍ଯ୍ୟରେ ଯେମିତି କୌଣସି ପ୍ରତିବନ୍ଧକ ସୃଷ୍ଟି ନହୁଏ। ଅଧିକାରୀଙ୍କ କହିବାନୁସାରେ , ଧମାକାର କାରଣ ଜାଣିବା ପାଇଁ ଯାଞ୍ଚ ଆରମ୍ଭ କରିଦିଆ ଯାଇଛି। ପ୍ରାରମ୍ଭିକ ଭାବେ ଖଣିରେ ଗ୍ୟାସ ଲିକ୍ କିମ୍ବା ଯାନ୍ତ୍ରିକ ତ୍ରୁଟିକୁ ଦୁର୍ଘଟଣାର ସମ୍ଭାବିତ କାରଣ ବୋଲି କୁହାଯାଉଛି। ହେଲେ ଯାଞ୍ଚ ସଂପୂର୍ଣ୍ଣ ହେବା ପରେ ସ୍ଥିତି ସ୍ପଷ୍ଟ ହୋଇ ପାରିବ।

## ସୁରକ୍ଷାକର୍ମୀଙ୍କ ଗୁଳିରେ ମାଓ କମାଣ୍ଡର ନିହତ

ମାଲକାନଗିରି,୦୫/୦୨ : ଲାଲ୍ ସଂଗଠନକୁ ଜୋରଦାର ଝଟକା। ସୁରକ୍ଷାକର୍ମୀଙ୍କ ଗୁଳିରେ ମାଓ କମାଣ୍ଡର ନିହତ । ମାଲକାନଗିରି ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାରେ ସୁରକ୍ଷାକର୍ମୀଙ୍କ ସହ ଗୁଳିବିନିମୟରେ ଟପ୍ ମାଓ କମାଣ୍ଡର ଉଧମ ସିଂହ ନିହତ ହୋଇଥିବା ଜଣାପଡିଛି । ଏଥିସହ ଘଟଣାସ୍ଥଳରୁ ଅତ୍ୟାଧୁନିକ ଏକେ-୪୭ ବନ୍ଧୁକ ଜବତ ହୋଇଛି। ଅଧିକ ମାଓବାଦୀ ଲୁଚି ରହିଥିବା ସନ୍ଦେହରେ ଏବେବି ପୁରା ଅଞ୍ଚଳରେ ସର୍ଚ୍ଚ ଅପରେସନ ଚାଲିଛି । ଛତିଶଗଡ଼ ବିଜାପୁର ପେଡ୍ଡାଗାଲୁର ଜଙ୍ଗଲରେ କିଛି ମାଓବାଦୀ ଲୁଚି ରହିଥିବାର ଗୁଇନ୍ଦା ସୂଚନା ମିଳିଥିଲା । ଏହାପରେ ସ୍ଥାନୀୟ ପୁଲିସ, ଡିଆରଜି ଓ ସିଆରପିଏଫ୍ ବାହିନୀର କୋବ୍ରା ବାଟାଲିୟନ ମିଳିତ ଭାବେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ । ଜଙ୍ଗଲକୁ କିଛି ବାଟ ଯିବା ପରେ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳିମାଡ଼ କରିଥିଲେ ମାଓବାଦୀ। ଯାହାର ଦୃଢ ଜବାବ ଦେଇଥିଲେ ସୁରକ୍ଷାବାହିନୀ । ସୁରକ୍ଷାକର୍ମୀଙ୍କ ଗୁଳିରେ ଟପ୍ ନକ୍ସଲ କମାଣ୍ଡର ନିହତ ହୋଇଛି । ସର୍ଚ୍ଚ ଅପରେସନ୍ ଜାରି ରହିଥିବା ବେଳେ ଅଞ୍ଚଳକୁ ଘେରାବନ୍ଦୀ କରି ରଖିଛନ୍ତି ସୁରକ୍ଷା ବାହିନୀ।

## ଡାହୁକ



ଯେମିତି ବଢୁଛି ରାଜ୍ୟରେ ଗରିବି
ଥିଲେ ମୁହେଁ ଟିକେ ଲାଜ
କହୁଥାନ୍ତା କ'ଣ ବିଜେପି ସର୍କାର
ପ୍ରଗତିରେ ଦେଶ ରାଜ୍ୟ
ଯାହା ଦର, ଦାମ ବୋଝ
କଅଣ ଭାବିକି ଭୋଓଟ ଦେଇଚେ
ଭାବିଲେ ଲାଗୁଛି ଲାଜ।

-ବିଧୁ

# ସହମତିରେ ମହାନଦୀ ସମାଧାନ ପାଇଁ ଉଭୟ ରାଜି

ନୂଆଦିଲ୍ଲୀ,୫।୨ : ମହାନଦୀ ଜଳ ବିବାଦରେ ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲରେ ଏଯାଏ ୪୯ଟି ଶୁଣାଣି ହୋଇସାରିଲାଣି । ତେବେ ଉଭୟ ପଡ଼ୋଶୀ ରାଜ୍ୟ ଓଡ଼ିଶା ଏବଂ ଛତିଶଗଡ଼ ଆପୋସ ବୁଝାମଣା ମାଧ୍ୟମରେ ସମାଧାନ ପାଇଁ ସହମତି ପ୍ରକାଶ କରିଥିବା ଗୁରୁବାର ଲୋକସଭା ଗୃହରେ ଉତ୍ତର ରଖିଛନ୍ତି ରାଷ୍ଟ୍ର ଜଳ ଶକ୍ତି ମନ୍ତ୍ରୀ ରାଜ ଭୂଷଣ ଚୌଧୁରୀ ।

ମହାନଦୀ ଜଳ ବିବାଦ ପ୍ରସଙ୍ଗ ଲୋକସଭାରେ ଉଠିଛି । ବିଜେପି ସାଂସଦ ପ୍ରଦୀପ ପୁରୋହିତ ମହାନଦୀ ଜଳ ବିବାଦର ସମାଧାନ ଏବଂ ଟ୍ରିବ୍ୟୁନାଲକୁ ନେଇ କେନ୍ଦ୍ର ଜଳ ଶକ୍ତି ବିଭାଗକୁ ପ୍ରଶ୍ନ କରିଛନ୍ତି । ସାଂସଦ ପୁରୋହିତ ଛତିଶଗଡ଼ ଦ୍ୱାରା ଉପରମୁଣ୍ଡ ବ୍ୟାରେଜ ନିର୍ମାଣ କରିବା ଦ୍ୱାରା ମହାନଦୀରେ ଜଳ ପ୍ରବାହ ହ୍ରାସ ପାଇଛି ଯାହା ଓଡ଼ିଶାରେ ଜଳସେଚନ, ପାନୀୟ ଜଳ ଏବଂ ଜୀବିକା ଉପରେ ପ୍ରତିକୂଳ ପ୍ରଭାବ ପକାଇଛି ଏବଂ ଯଦି ଥାଏ ତେବେ ଏହାର ବିବରଣୀ ପ୍ରଦାନ କରିବାକୁ ଦାବି କରିଥିଲେ । ସେହିପରି ଆନ୍ତଃରାଜ୍ୟ ନଦୀ ଜଳ ବିବାଦ ଆଇନ, ୧୯୫୬ ଅନୁଯାୟୀ ୨୦୧୮ରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍ ଗଠନ କରାଯାଇଥିଲା କି ନାହିଁ ତାହାର ବିବରଣୀ ସହିତ ଏହାର କାର୍ଯ୍ୟପନ୍ଥାର ବର୍ତ୍ତମାନର ସ୍ଥିତି



ଜାଣିବାକୁ ଚାହିଁଥିଲେ । ଉଭୟ ରାଜ୍ୟ ମଧ୍ୟରେ ସମାନ ଜଳ ବଣ୍ଟନର ଅନ୍ତରୀଣ ଏବଂ ଚୂଡ଼ାନ୍ତ ରିପୋର୍ଟ ମଧ୍ୟ ମାଗିଥିଲେ । ତେବେ ଜଳ ଶକ୍ତି ଶ୍ରୀଯୁକ୍ତ ଚୌଧୁରୀ ଗୃହରେ ଲିଖିତ ଆକାରରେ ଉତ୍ତର ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ ପାଇଁ ଓଡ଼ିଶା ସରକାର ୧୯ ନଭେମ୍ବର ୨୦୧୬ ତାରିଖରେ ଆନ୍ତଃରାଜ୍ୟ ନଦୀ ଜଳ ବିବାଦ ଆଇନ, ୧୯୫୬ର ଧାରା ୩ ଅନୁଯାୟୀ କେନ୍ଦ୍ର ସରକାରଙ୍କ ନିକଟରେ ଅଭିଯୋଗ

## ଲୋକସଭାରେ କେନ୍ଦ୍ର ମନ୍ତ୍ରୀଙ୍କ ଉତ୍ତର

ଦାଖଲ କରିଥିଲେ। କେନ୍ଦ୍ର ସରକାର ଆଇନର ଧାରା ୪(୧) ଅନୁଯାୟୀ ୧୨ ମାର୍ଚ୍ଚ ୨୦୧୮ ତାରିଖରେ ଗେଜେଟ୍ ବିଜ୍ଞପ୍ତି ମାଧ୍ୟମରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ କରିଥିଲେ ଏବଂ ଓଡ଼ିଶା ଦ୍ୱାରା ଉଠାଯାଇଥିବା ଜଳ ବିବାଦ ପ୍ରସଙ୍ଗକୁ ବିଚାର ପାଇଁ ମାନ୍ୟବର ଟ୍ରିବ୍ୟୁନାଲକୁ ପଠାଇଥିଲେ । ଚଳିତ ଟ୍ରିବ୍ୟୁନାଲ ୨୯ ଅଗଷ୍ଟ ୨୦୨୦ର ଆଦେଶ ଅନୁଯାୟୀ ବିଚାର ପାଇଁ କିଛି ପ୍ରସଙ୍ଗ ଚୂଡ଼ାନ୍ତ କରିଛନ୍ତି । ଛତିଶଗଡ଼ ଦ୍ୱାରା ମହାନଦୀ ଅବବାହିକାରେ ୬ଟି ଶିଳ୍ପ ବ୍ୟାରେଜ୍ ନିର୍ମାଣ ସମ୍ପର୍କିତ ପ୍ରସଙ୍ଗ ଏବଂ ଓଡ଼ିଶା ରାଜ୍ୟରେ ତଳ ପ୍ରବାହ ଉପରେ କଥିତ ନିର୍ମାଣର ପ୍ରଭାବ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । ଟ୍ରିବ୍ୟୁନାଲ ପୂର୍ବରୁ ମାମଲାକୁ ଗ୍ରହଣ କରିଛନ୍ତି। ସେହିପରି ମହାନଦୀ ଜଳ ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲରେ ଅଦ୍ୟାବଧି ମୋଟ ୪୯ଟି ଶୁଣାଣି ହୋଇଛି । ସାକ୍ଷୀମାନଙ୍କୁ ଟ୍ରିବ୍ୟୁନାଲ ସମ୍ମୁଖରେ ଜେରା ପ୍ରକ୍ରିୟା ଜାରି ରହିଛି । ତେବେ ଆପୋସ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ପାଇଁ ଉଭୟ ରାଜ୍ୟ ଟ୍ରିବ୍ୟୁନାଲ ସମ୍ମୁଖରେ ସହମତି ପ୍ରକାଶ କରିଛନ୍ତି । ଯାହାକି ବର୍ତ୍ତମାନ ବିଚାରଧୀନ ରହିଛି । ତେବେ ମାମଲାରେ ଟ୍ରିବ୍ୟୁନାଲ ଏପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ନିକଟରେ କୌଣସି ରିପୋର୍ଟ ଦାଖଲ କରିନାହାଁନ୍ତି। ମାମଲାଟି ଏପର୍ଯ୍ୟନ୍ତ ଟ୍ରିବ୍ୟୁନାଲରେ ବିଚାରାଧୀନ ଅଛି। ୨୧ ଜୁନ ୨୦୨୩ରେ କେନ୍ଦ୍ର ସରକାର ଗେଜେଟ୍ ବିଜ୍ଞପ୍ତି ମାଧ୍ୟମରେ ରିପୋର୍ଟ ଦାଖଲ ପାଇଁ ଟ୍ରିବ୍ୟୁନାଲକୁ ଦୁଇ ବର୍ଷର ମହଲତ ଦେଇଛନ୍ତି। କେନ୍ଦ୍ର ସରକାର ଟ୍ରିବ୍ୟୁନାଲକୁ ୧୪ ଏପ୍ରିଲ, ୨୦୨୪ ଠାରୁ ୧୩ ଏପ୍ରିଲ ୨୦୨୬ ଯାଏ ସମୟ ଦେଇଛନ୍ତି ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ
ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି,
ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ
ସକଳ କ୍ରିୟା କରୁଥାନ୍ତି । ।।

# ବାଲି ଚୋରାଚାଲାଣ ଆଇନ କଡାକଡି ହେଉ

ନିକଟରେ ପ୍ରବର୍ତନ ନିର୍ଦ୍ଦେଶାଳୟ(ଇଡି)ର ୧୨୭ ଜଣିଆ ଟିମ୍ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବାଲି ମାଫିଆଙ୍କ ବାସଭବନରେ ଆତର୍କିତ ଚଢାଉ କରି ସେମାନଙ୍କ ଘର ଓ କାର୍ଯ୍ୟାଳୟରୁ କୋଟି କୋଟି ଟଙ୍କା ସହ ବହୁନାମୀ ଦାମୀ ଗାଡି, କୋଠା କରିବା ଘଟଣା ରାଜ୍ୟରେ କେବଳ ବାଲି ଲୁଟ ଘଟଣାର ପରଦା ଫାସ କରିନାହିଁ, ସେମାନଙ୍କର ଗୁମର ଖୋଲିପାରିଛି ବୋଲି କୁହାଯାଇପାରିବ। ମିଳିଥିବା ରିପୋର୍ଟ ଅନୁଯାୟୀ ଇଡି ବାଲି ମାଫିଆଙ୍କ ଘରୁ ନଗଦ ୫କୋଟିରୁ ଅଧିକ ଟଙ୍କା ଜବତ କରିଛି। ସେହିପରି ରାଜନୈତିକ ଛତ୍ରଛାୟା ତଳେ ରହି ବର୍ଷା ଯୁଆଡେ ଛତା ସିଆଡେ ନୀତି ଆପଣାଇ ସେମାନଙ୍କର କଳା ସାମ୍ରାଜ୍ୟକୁ ଅକ୍ଷୁର୍ଣ୍ଣ ରଖିପାରିଥିଲେ। ଯାହାର ପରିଣତି ସ୍ୱରୁପ ରାଜ୍ୟ ସରକାର ଶହ ଶହ କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି। ଏହା ସତ୍ୟ ଯେ, ଓଡିଶାରେ ପ୍ରବାହିତ ନଦୀଗୁଡିକ କେବଳ ଜଳର ଉତ୍ସ ନୁହଁନ୍ତି, ରାଜ୍ୟ ଅର୍ଥନୀତିର ଜୀବନରେଖା ଭାବେ ପରିଚିତ। ନଦୀ ଶଯ୍ୟାର ମହଜୁଦ ଥିବା ବାଲି ଓ ଅନ୍ୟାନ୍ୟ ଲଘୁ ଖଣିଜ ସମ୍ପଦରୁ ରାଜ୍ୟ ସରକାର ହଜାର ହଜାର କୋଟି ଟଙ୍କାର ରାଜସ୍ୱ ଆୟ କରିବାରେ ସମ୍ଭାବନା ରହିଥିବାବେଳେ ସବୁଠାରୁ ଚିନ୍ତାଜନକ ତଥ୍ୟ ହେଉଛି ସରକାର ମାତ୍ର ୧୫୦୦ଟଙ୍କା ରାଜସ୍ୱ ଆୟ କରିଥିବା ସରକାରୀ ରିପୋର୍ଟ କହେ। ଆହୁରି ଉଦ୍‌ବେଗଜନକ ତଥ୍ୟ ହେଉଛି, ସରକାର ଗତ ବର୍ଷ ମାତ୍ର ୬୦୦କୋଟି ଟଙ୍କାର ରାଜସ୍ୱ ଅୟ କରିବାରେ ସମର୍ଥ ହୋଇଥିଲେ। ଯାହାକି ରାଜ୍ୟରେ ବାଲି ଚୋରା ଚାଲାଣ କିପରି ଅବାଧରେ ଚାଲିଛି ଏବଂ ବାଲି ମାଫିଆ କେତେ ସକ୍ରୀୟ ଅଛନ୍ତି ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। ଉଲ୍ଲେଖଯୋଗ୍ୟ ଯେ, ଗଜପତି ଜିଲ୍ଲାରୁ ଆରମ୍ଭ କରି ବାଲେଶ୍ୱର ଏବଂ ପୂର୍ବ ଉପକୂଳ ଠାରୁ ଆରମ୍ଭ କରି ସୁନ୍ଦରଗଡ ତଥା ପଶ୍ଚିମାଂଚଳରେ ବେଧଡକ ଭାବେ ବାଲି ଚୋରାଚାଲାଣ ଜାରି ରହିଥିଲା। ଦ୍ରୁତ ସହରୀକରଣ ଏବଂ ଦ୍ରୁତ ଶିଳ୍ପାୟନ ଯୋଗୁଁ ନଦୀ ବାଲି ହେଉଛି ଉଭୟ ଗୃହ ଓ ଭିତିଭୂମି ନିର୍ମାଣର ମୂଳଦୁଆ କିନ୍ତୁ ଅନିୟମିତ ଖନନ ଓ ଚୋରା ଚାଲାଣ ଯୋଗୁଁ ରାଜ୍ୟ କେବଳ ରାଜସ୍ୱ ନାହାଁନ୍ତି, ବହୁ ନଦୀ ଏବେ ବାଲିଶୂନ୍ୟ ହୋଇପଡିଥିବା କୁହାଯାଇଛି। ବାଲି ପରିବର୍ତେ ନଦୀ ଗର୍ଭ ଏବେ ମାଟି, ପଙ୍କ ଏବଂ ମାଙ୍କଡା ପଥର ଖଣ୍ଡରେ ପରିଣତ। ଯାହାର ପରିଣତି ସ୍ୱରୁପ ନଦୀଗୁଡିକ ଜଳଧାରଣ କ୍ଷମତା ହରାଇବା ସହ ଭୂତଳ ଜଳସ୍ତର ଆଶାତୀତ ଭାବେ ହ୍ରାସ ପାଇବାରେ ଲାଗିଛି। ଉଲ୍ଲେଖଯୋଗ୍ୟ ଯେ, ନିକଟରେ ଜଗତସିଂହପୁର ଜିଲ୍ଲାରେ ଦୁଇଟି ବାଲିଘାଟରେ ୮୦ଟି ହାଓ୍ୱା ଓ ୩ଟି ପ୍ରୋକ୍ଲିନ ଜବତ ଘଟଣା ରାଜ୍ୟରେ ବାଲି ଚୋରାଚାଲାଣ କିପରି ଚାଲିଛି, ତାର ସଂକେତ ପ୍ରଦାନ କରେ। କେବଳ ଜଗତସିଂହପୁର ଜିଲ୍ଲା ନୁହେଁ, ରାଜ୍ୟର ସମସ୍ତ ଅଂଚଳରେ ନଦୀରୁ ବାଲି ଲୁଟ ବେଧଡକ ଭାବେ ଚାଲିଥିବା ନେଇ ଗଣମାଧ୍ୟମରେ ଶିରୋନାମା ପାଲଟିଥିବାବେଳେ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହୁଏ। ଆହୁରି ମଧ୍ୟ ବାଲି ମାଫିଆ ପ୍ରଶାସନିକ ଅଧିକାରୀଙ୍କୁ ମାଡ ମାରିବା, ଗାଡି ମଡାଇ ହତ୍ୟା ଉଦ୍ୟମ କରିବା, ଏପରିକି ଥାନା ପରିସରରୁ ଜବତ ବାଲି ବୋଝେଇ ଗାଡି ଛଡାଇ ନେବା ଘଟଣା ଆମ ରାଜ୍ୟରେ ବାଲି ମାଫିଆ ଦୌରାତ୍ମ୍ୟ କେତେ ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। ସରକାରୀ ସୂତ୍ରରୁ ମିଳିଥିବା ରିପୋର୍ଟ ଅନୁଯାୟୀ ଗତ ୩ବର୍ଷରେ ରାଜ୍ୟରେ ବାଲି ସହ ବିଭିନ୍ନ ଲଘୁ ଖଣିଜ ସମ୍ପଦ ଲୁଟ ନେଇ ୩୩୨୦ଟି ମାମଲା ରୁଜୁ ହୋଇଥିବାବେଳେ ୧୨୭କୋଟି ଟଙ୍କାର ଜୋରିମାନା ଆଦାୟ ହୋଇଛି। ବିଭିନ୍ନ ଜିଲ୍ଲାରେ ରୁଜୁ ହୋଇଥିବା ମାମଲା, ଜବତ ହୋଇଥିବା ଗାଡି ସଂଖ୍ୟା ଓ ଜୋରିମାନା ଅର୍ଥକୁ ତର୍ଜମା କଲେ, ରାଜ୍ୟରେ ବାଲି ଓ ଲଘୁ ଖଣିଜ ସମ୍ପଦର ଲୁଟ କିପରି ଚାଲିଛି, ତା'ର ସଂକେତ ମିଳେ। ରାଜ୍ୟରେ ଲଘୁ ଖଣିଜ ସମ୍ପଦର ସୁରକ୍ଷା ତଥା ଚୋରାଚାଲାଣ ରୋକିବାକୁ ଓଡିଶା ଖଣିଜ ପଦାର୍ଥ ନିୟମାବଳୀ-୨୦୨୫ରେ ଉଭୟ ଜେଲ, ଜୋରିମାନା ସହ ବହୁ କଠୋର ବ୍ୟବସ୍ଥା ରହିଛି। ଇ-ଲଟେରୀ ବ୍ୟବସ୍ଥା, ସର୍ବାଧିକ ବିକ୍ରୟ ମୂଲ୍ୟ(ଏମଏସପି), ନିର୍ଦ୍ଧାରଣ, ବାଧ୍ୟତାମୂଳକ ଷ୍ଟୋରେଜ, ଲାଇସେନ୍ସ ଓ ଆରଏଫଆଇଡି, ଟ୍ରାକିଂ ବ୍ୟବସ୍ଥା ରହିଛି। କିନ୍ତୁ ବାଲି ଚୋରା ଚାଲାଣ, ଲଘୁଖଣିଜ ସମ୍ପଦ ଲୁଟ ରୋକିବାରେ ଏହା କେତେଦୂର ସକ୍ଷମ ହେବ, ଭବିଷ୍ୟତ କହିବ। କିନ୍ତୁ ଏହା ନିସନ୍ଦେହ ଯେ, ଦୃଢ ରାଜନୈତିକ ଇଚ୍ଛାଶକ୍ତି, ପ୍ରଶାସନିକ ସ୍ୱଚ୍ଛତା ନିରପେକ୍ଷତା ଏବଂ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା, ଏବଂ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ବାଲି ଲୁଟକୁ ରୋକାଯିବା ସମ୍ଭବ ହୋଇପାରିବ।

# ପାଠ୍ୟ ପୁସ୍ତକରେ ରହୁ ଦୁର୍ନୀତି ଲକ୍ଷ୍ମୀଙ୍କ ଚେତନା

**ରଘୁନାଥ ମହାପାତ୍ର**

ଆମ ହିନ୍ଦୁ ସମାଜରେ ଧନଧାନ୍ୟ ଓ ସୁଖ ସମୃଦ୍ଧି ଲାଭ ପାଇଁ ଲକ୍ଷ୍ମୀଙ୍କୁ ପୂଜା କରାଯାଏ। ଘରର ନବ ବଧୂମାନେ ହେଲେ ଗୃହଲକ୍ଷ୍ମୀ, ରାଜ ଉଆସରେ ପୂଜା ପାଉଥିବା ଦେବୀ ହେଲେ ରାଜଲକ୍ଷ୍ମୀ, ମନ୍ଦିରରେ ପୂଜା ପାଉଥିବା ଦେବୀ ହେଲେ ଶ୍ରୀଲକ୍ଷ୍ମୀ, ମହାଲକ୍ଷ୍ମୀ, କୁମାର ପୂର୍ଣ୍ଣମୀରେ ପୂଜା ପାଉଥିବା ଦେବୀ ହେଲେ ଗଜଲକ୍ଷ୍ମୀ। ଲକ୍ଷ୍ମୀଙ୍କର ଅନେକ ରୂପ ଅନେକ ନାମ ରହିଛି। ସାତ୍ତ୍ୱିକ ପୂଜା କଲେ ଲକ୍ଷ୍ମୀ ଯାହା ଦାନ କରନ୍ତି ସେଥିରେ ପରିବାରର ମଙ୍ଗଳ ହୁଏ କର୍ତ୍ତାଙ୍କର ଧନ ସଂପଦ ବୃଦ୍ଧି ଘଟେ। ଏକଦା ଓଡ଼ିଶାର ଜଣେ ପ୍ରଖ୍ୟାତ ରାଜନେତା ମନ୍ତବ୍ୟ ଦେଇଥିଲେ 'ଦୁର୍ନୀତିକୁ ନୀତି କରିଦେଲେ ସବୁ ଚଳିଯାଆନ୍ତା'। ତାଙ୍କ କଥାକୁ ନିରୀଖେଇ ଦେଖିଲେ ଜଣାଯାଏ କଥାଟା ବାସ୍ତବିକ ଅତ୍ୟୁକ୍ତି ନୁହେଁ।

କିନ୍ତୁ ବର୍ତ୍ତମାନ ଯୁଗରେ ଆଉ ଲୋକମାନେ ଲକ୍ଷ୍ମୀଙ୍କର ସାତ୍ତ୍ୱିକ ପୂଜା ଉପାସନା କରି ଧନ ମାଗୁ ନାହାଁନ୍ତି। ଏ ସାତ୍ତ୍ୱିକ ପୂଜାର ଧନ ସାଧାରଣ ଭାବେ ଆସେ ସାଧାରଣ ଭାବେ ଖର୍ଚ୍ଚ ହୁଏ। କିନ୍ତୁ ଦୁର୍ନୀତିଗସ୍ତ ସରକାରୀ କର୍ମଚାରୀ, ରାଜନେତା ଏମାନେ ଅଳ୍ପ ଧନରେ ସନ୍ତୁଷ୍ଟ ନୁହଁନ୍ତି। ଏମାନଙ୍କର ଉପାସନାର ଦେବୀ ହେଲେ ଦୁର୍ନୀତି ଲକ୍ଷ୍ମୀ। ଏମାନେ ଦୁର୍ନୀତି ଲକ୍ଷ୍ମୀଙ୍କ ଉପାସନା କରି ମାଗନ୍ତି ଟଙ୍କା ଦେ, ସୁନା ଦେ, ଭୂମି ଦେ, କୋଠା ଦେ, ଗାଡ଼ି ଦେ, ଘୋଡ଼ା ଦେ ଉଚ୍ଚପଦବୀ ଦେ। ଏମାନଙ୍କ ବ୍ୟାକୁଳତାରେ ଲକ୍ଷ୍ମୀ ମୃଦୁ ମୃଦୁ ହସନ୍ତି ଏବଂ ହାତ ଖୋଲି ଏମାନଙ୍କ କୋଳରେ ଟଙ୍କା, ସୁନା, ରୂପା, କୋଠା, ଜମି, ଗାଡ଼ି ସବୁ ଦେଇ ଦିଅନ୍ତି। ସେତେବେଳେ ଏହି ଦୁର୍ନୀତିର ଉପାସକମାନେ ଛାତି ଫୁଲେଇ, ନିଶ ଫୁଲେଇ ସେମାନଙ୍କର ପାରିବାର ପଣିଆ ଦେଖାନ୍ତି। ପିତା, ମାତା, ଭାଇ ବନ୍ଧୁ, ଶାଶୁ ଶଶୁର ସମସ୍ତେ ଚମତ୍କୃତ ହୁଅନ୍ତି କହି ବୁଲନ୍ତି ଆମ ପୁଅ ମନ୍ତ୍ରୀଙ୍କ ଡାହାଣ ହାତ ଯାହା ଚାହିଁବ ତାହା କରିପାରିବ। ସବୁ ବଡ଼ ବଡ଼ିଆ ହାତ ମୁଠାରେ, କେହି କିଛି କରିପାରିବେ ନାହିଁ। ଦୁର୍ନୀତି ଉପାର୍ଜିତ ଧନ ବଢ଼ି ବଢ଼ି ଚାଲେ।

ହଠାତ୍ ଦିନେ ଭୋର ଚାରିଟା ବେଳେ ବାବୁଙ୍କ ଘର ଚାରିକଡ଼ରେ ଘେରି ଯାଆନ୍ତି ପୁଲିସ ଦଳ। କଲିଙ୍ଗ ବେଲ ବାଜିଉଠେ, ବାବୁ ବିଛଣାରୁ ଉଠି ବାହାରି ଆସନ୍ତି ଦୋତାଲର ବାଲକୋନୀ ଉପରକୁ। ପୁଲିସ ଦଳ କବାଟ ଠକ ଠକ କରନ୍ତି ସାର କବାଟ ଖୋଲନ୍ତୁ। କୋର୍ଟରୁ ଓ୍ୱାରଣ୍ଟ ଧରି ଆସୁଛୁ ଆପଣଙ୍କ ଘର ଖାନତଲାସ ହେବ। ବାବୁଙ୍କ ମୁହଁ କଳା କାଠ ପଡ଼ିଯାଏ। ପଳେଇ ଯିବାର ବାଟ ନାହିଁ। କବାଟ ଖୋଲିଯାଏ ପୁଲିସ ଦଳ ସବୁ ଘରକୁ ଜଗି ଯାଆନ୍ତି, ଚାଲେ ଖାନତଲାସ। ଆଲମାରି ଭିତରେ ପାଞ୍ଚ ଶହ ଟଙ୍କିଆର ନୋଟ ବିଡ଼ା ଥାକ ଥାକ ହୋଇ ଖୁନ୍ଦି ହୋଇଛି। ଆଇରନ ଚେଷ୍ଟ ଭିତରେ କିଲୋ କିଲୋ ସୁନାର ଗହଣା। ଭିଜିଲାନ୍ସ ବାଲାଙ୍କର ଆଖି ଖୋସି ହୋଇଯାଏ। ମେସିନି ଆଣି ଟଙ୍କା ଗଣାଯାଏ। କେଉଁଠି କୋଟିଏ ଭିତରତ କେଉଁଠି କୋଟି କୋଟିର ବଣ୍ଡଲ। କେବଳ ସେତିକି ନୁହେଁ ସହର ଭିତରେ ଅନେକ ପ୍ଲଟ କୋଠା, ଗାଡ଼ି ଆହୁରି ଅଚଳା ଚଳ ସମ୍ପତ୍ତିର କାଗଜପତ୍ର। କାହାର ରାଜ୍ୟ ବାହାରେ ତ କାହାର ଦେଶ ବାହାରେ ମଧ୍ୟ କୋଠା ବାଡ଼ି ଆହୁରି ମଧ୍ୟ ବ୍ୟାଙ୍କ ବାଲାନ୍ସ।

ସେତିକି ବେଳେ ଲକ୍ଷ୍ମୀ ଠାକୁରାଣୀ ସେ ଘର ଛାଡ଼ି ଚାଲିଯାଆନ୍ତି। ପ୍ରବେଶ କରନ୍ତି ଅଲକ୍ଷ୍ମୀ। ସକାଳୁ ସକାଳୁ ଧରା ପଡ଼ିଥିବା ବାବୁ ମାନଙ୍କ ଫଟୋ ସହିତ ଗଣମାଧ୍ୟମରେ ବାହାରି ପଡ଼େ ବଡ଼ ବଡ଼ ଖବର। ଦୁର୍ନୀତି ଗ୍ରସ୍ତ ତହସିଲଦାରଙ୍କ ଠାରୁ ପୁଲିସ ଅଫିସର, ଇଞ୍ଜିନିୟରଙ୍କ ଠାରୁ ସିଭିଲ ସପ୍ଲାଏ ଅଫିସର, ଫରେଷ୍ଟରଙ୍କ ଠାରୁ କେଡ଼େ କେଡ଼େ ବିଭାଗର ଟାଣୁଆ ଟାଣୁଆ ଅଫିସରଙ୍କ ନାମ ହାତ କଡ଼ି ପଡ଼ି ଯାଆନ୍ତି ଜେଲକୁ। ଏହି ବାବୁମାନେ କେବଳ ନିଜେ ଲଜ୍ଜିତ ହୁଅନ୍ତି ନାହିଁ। ପିତା, ମାତା, ଶାଶୁ ଶଶୁର, ଭାଇ, ବନ୍ଧୁ, ଆତ୍ମୀୟ ସ୍ୱଜନ ସମସ୍ତଙ୍କୁ ଲଜ୍ୟାରେ ବୁଡ଼ାଇ ଦିଅନ୍ତି। ସମସ୍ତଙ୍କ ମୁହଁ କଳା ପଡ଼ିଯାଏ। ଯେଉଁମାନେ ଦିନେ ତାଙ୍କୁ ମନ୍ତ୍ରୀଙ୍କ ଡାହାଣ ହାତ ବା ପାଓ୍ୱାରଫୁଲ ବଡ଼ ନେତା ବା ବଡ଼ ଅଫିସରଙ୍କ ପାଖ ଲୋକ ବୋଲି କହୁଥିଲେ ଏବେ କ'ଣ କହିବେ ସେ ଶବ୍ଦ ତାଙ୍କୁ ବୋଧେ ହୁଏ ମିଳୁନାହିଁ।

ଦୁର୍ନୀତି କ'ଣ ଏବଂ ଏହାର କୁପ୍ରଭାବ କିଭଳି ସମାଜ ଉପରେ ପଡୁଛି ଏକଥା ପିଲାଏ ଜାଣିବା ଉଚିତ। ବାପା ଠିକ ସମୟରେ ଅଫିସ ଯାଆନ୍ତି ନାହିଁ, ଲଞ୍ଚବ୍ରେକରେ ଘରକୁ ଖାଇବାକୁ ଆସି ପୁଣି ୩ଟା ୪ଟା ବେଳେକୁ ଅଫିସ ଯାଆନ୍ତି। ଗୋଟେ ସରକାରୀ କାମ ପାଇଁ ବାପାଙ୍କ ପାଖକୁ ଲୋକେ ବାରମ୍ବାର ଦୌଡ଼ନ୍ତି, ଘରକୁ ବି ଆସନ୍ତି। ଟଙ୍କା ନଦେଲେ ସରକାରୀ କାମ ହୁଏନି – ଏସବୁ ଯେ ଦୁର୍ନୀତି ଅନ୍ତର୍ଭୁକ୍ତ ଏକଥା ପିଲାଏ ଜାଣିବା ଉଚିତ ପିଲାଟି ବେଳୁ। ତାହେଲେ ସେମାନେ ବାପାଙ୍କୁ ପଚାରି ପାରିବେ ଏତେ ଡେରିରେ କ'ଣ ଅଫିସ ଯାଉଛ ? ବାପାମାନେ ମଧ୍ୟ ସଚେତନ ହେବେ।

ଠିକାଦାର ସଠିକ ଭାଗମାପର କଂକ୍ରିଟ ନ ଗୋଳାଇବା କାରଣରୁ ଛାତ ଭୁଶୁଡ଼ି ପଡୁଛି, କାମ ସରୁ ସରୁ ରାସ୍ତାରୁ ପିଚୁ ଉଠିଯାଉଛି। ଏଥିରେ ବିଭାଗୀୟ ମନ୍ତ୍ରୀ ଏବଂ ଯନ୍ତ୍ରୀଙ୍କ ସହଯୋଗ ରହୁଛି, ସେମାନଙ୍କ ସହଯୋଗ ବିନା ଠିକାଦାର ଏସବୁ କାମ ମୋଟେ କରିପାରନ୍ତାନି ଏସବୁ ପିଲାଏ ଜାଣିବା ଉଚିତ। ବିକାଶର ବାଧକ ଦୁର୍ନୀତି, ଏଥି ସହିତ ହତ୍ୟା, ଅପରାଧ, ଦୁଷ୍କର୍ମ, ନକଲି ଖାଦ୍ୟର ବଜାର ସୃଷ୍ଟି ହେବା ପଛରେ ବି ଦୁର୍ନୀତିର ହାତ ରହିଛି ଏକଥା କ'ଣ ପିଲାଟିଏ ଜାଣିଛି ? ସିଏ ଜାଣେ ଲାଞ୍ଚ ନେବା ହିଁ ଏକମାତ୍ର ଦୁର୍ନୀତି ପର୍ଯ୍ୟାୟଭୁକ୍ତ।

ସାର ସ୍କୁଲରେ ମନଦେଇ ପଢ଼ାନ୍ତି ନାହିଁ, ଟିଉସନରେ ଖୁବ ଭଲ ପଢ଼ାନ୍ତି। ଡାକ୍ତରମାନେ ଡାକ୍ତରଖାନାରେ ରୋଗୀଙ୍କୁ ଯେଉଁମାନଙ୍କର ସେବା ଯୋଗାନ୍ତି ତାଠାରୁ ଉନ୍ନତମାନର ସେବା ଘରୋଇ ହସ୍ପିଟାଲ ଏବଂ ନର୍ସିଂହୋମରେ ସେଇ ଡାକ୍ତର ଯୋଗାଇଥାନ୍ତି – ଏସବୁ ଯେ ଦୁର୍ନୀତିଏକଥା ପିଲାଟି ଜାଣୁ। ନେତାମାନେ ନିର୍ବାଚନ ବେଳେ ଯେଉଁସବୁ ପ୍ରତିଶ୍ରୁତି ଦେଇଥାନ୍ତି ତା'ର ଖିଲାପ ଯେ ଦୁର୍ନୀତି ଏସବୁ କ'ଣ ପିଲାଏ ଜାଣିଛନ୍ତି ? ସେମାନେ ଦୁର୍ନୀତିକୁ ଘୃଣା କରନ୍ତୁ ପିଲାଟି ଦିନୁ। ଏହାର ପ୍ରଭାବ ସେମାନେ ବଡ଼ ହୋଇ ଚାକିରି କରିବା ସମୟରେ ନିଶ୍ଚେ ପଡ଼ିବ ଏବଂ ସମାଜରେ ସୁଧାର ଆସିବ ବୋଲି ଆମେ ଆଶା କରିପାରିବା। ପ୍ରତିଦିନ ଦୁର୍ନୀତି ଜାଲରେ ପଡୁଥିବା ସରକାରୀ ବାବୁମାନଙ୍କ ଭିତରେ ଯେ ଯୁବ ଅଧିକାରୀଙ୍କ ସଂଖ୍ୟା ଅଧିକ ଏହାକୁ ଏଡ଼ାଇ ଦେଇହେବ ନାହିଁ। ଯୁବକମାନେ ମଧ୍ୟ ଦୁର୍ନୀତିଗ୍ରସ୍ତ ହେଉଛନ୍ତି। ଏମାନେ ସ୍କୁଲରେ ପଢ଼ିବା ବେଳେ ଦୁର୍ନୀତି ସମ୍ପର୍କିତ କୌଣସି ପାଠ୍ୟକ୍ରମ ଥିଲା କି ? ନଥିଲା। ତେଣୁ ଏ ନୂଆ ବିଷୟଟିକୁ ପରୀକ୍ଷାମୂଳକ ଭାବରେ ଯୋଡ଼ାଗଲେ କ୍ଷତି କ'ଣ ? ଦେଖାଯାଉ ଏହାର ପ୍ରଭାବ କ'ଣ ପଡୁଛି ? ଶିକ୍ଷା ଉପରେ ତ ନୂଆ ନୂଆ ଗବେଷଣା ଚାଲିଛି।

ଏତେ କଥା କହିବାର ଅସଲ ଉଦ୍ଦେଶ୍ୟଟି ହେଲା ବିଦ୍ୟାଳୟ ସ୍ତରୀୟ ଶିକ୍ଷା ପାଠ୍ୟକ୍ରମର ସଂସ୍କାର ଓ ପାଠ୍ୟପୁସ୍ତକ ବିକାଶ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମୀକ୍ଷା କରିଛନ୍ତି। ସେ କହିଛନ୍ତି ୨୦୨୬-୨୭ ଶିକ୍ଷା ବର୍ଷରୁ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରଚଳନ କରାଯିବ। ଏହା ଓଡ଼ିଶା ରାଜ୍ୟ ପାଠ୍ୟକ୍ରମ ଢ଼ାଞ୍ଚା ଉପରେ ଆଧାରିତ ହେବ। ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାରେ ଶିକ୍ଷାଦାନକୁ ସୁଦୃଢ଼ କରାଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଛାତ୍ରଛାତ୍ରୀଙ୍କ ସାମୁହିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ତିନୋଟି ନୂତନ ବିଷୟ ଯଥା – କଳାଶିକ୍ଷା, ଶାରୀରିକ ଶିକ୍ଷା ଓ ସୁସ୍ଥତା ଏବଂ ଧନ୍ଦାମୂଳକ ଶିକ୍ଷାରେ ପାଠ୍ୟପୁସ୍ତକ ପ୍ରଚଳନ ହେଉଛି। ଏଥିରେ ଦୁର୍ନୀତିର କୁପ୍ରଭାବକୁ ମଧ୍ୟ ଯୋଡ଼ାଗଲେ ସମାଜରେ ଅନେକେ ସୁଧାର ଆସିପାରନ୍ତା ବୋଧେ।

ହେ ଦୁର୍ନୀତି ଗ୍ରସ୍ତ ବାବୁମାନେ ତୁମେ ଯେଉଁ ଧନ ଚୋରୀ କରିଛ ସେ ଧନ ସରକାରଙ୍କର ନୁହେଁ। ସେ ଟଙ୍କା ହେଉଛି ସାଧାରଣ ଲୋକଙ୍କ ଟ୍ୟାକ୍ସ ଟଙ୍କା। ସାଧାରଣ ଲୋକଙ୍କ ଟଙ୍କାକୁ ଚୋରୀ କରି ତୁମ ବଡ଼ ଲୋକ ହେବାର ଯେଉଁ ସ୍ୱପ୍ନ ଦେଖୁଛ ତାହା ସଫଳ ହେବନାହିଁ। ଟଙ୍କା ପଇସା ଯିବ, ସୁନା ରୂପା, ଗହଣା ଯିବ ତୁମର ପେନସନ ବନ୍ଦ ହେବ ଶେଷରେ ପାଞ୍ଚ ବର୍ଷ କି ଦଶ ବର୍ଷ ଜେଲ ଭୋଗିବ। ତୁମର ଏହି ପାପ କର୍ମ ପାଇଁ ତୁମର ବଂଶଧର ମାନେ ନିନ୍ଦିତ ହେବେ, ଅପମାନିତ ହେବେ। ତୁମର ପୁଅ ଝିଅମାନେ ପାଠ ପଢ଼ି ଚାକିରି କଲାବେଳେ ଲୋକେ କହିବେ ବାପ ଚୋରୀ କରି ଜେଲ ଯାଇଥିଲା, ପିଲାମାନେ ଭଲ ହେବେ କେମିତି ? ଏହି ଅପବାଦ ତୁମ ବଂଶାନୁକ୍ରମିକ ପିଲାମାନଙ୍କ ଉପରେ ଲାଗି ରହିବ। ତୁମେ ନିଜେ ରକ୍ତଚାପ, କ୍ୟାନସର, ବିଭିନ୍ନ ରୋଗ ଓ ମାନସିକ ଚାପର ବିଭିନ୍ନ ବ୍ୟାଧି ପୀଡ଼ିତ ହୋଇ ବିଛଣାରେ ଛଟପଟ ହେବ। ତେଣୁ ହେ ଦୁର୍ନୀତିଗ୍ରସ୍ତ ବାବୁମାନେ ଏବେ ଠାରୁ ସାବଧାନ ରୁହ। ଯେତିକି ପାଇଛ ସେତିକିରେ ସନ୍ତୁଷ୍ଟ ରୁହ ନହେଲେ ଭବିଷ୍ୟତରେ କଲବଲ ଜୀବନ ଭୋଗ କରିବ।

ସତ୍ୟଶ୍ରୀନିବାସ, ତାରାଚାନ୍ଦ ପାଟଣା, କଟକ, ଦୂରଭାଷ :
୯୨୩୮୬୩୨୭୫୦

# ଭାରତ–ଇୟୁ ଆର୍ଥିକ ବୁଝାମଣା ଓ ଭବିଷ୍ୟତର ରାସ୍ତା

**ଡ. ସମନ୍ୱୟ ନନ୍ଦ**

ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଆର୍ଥିକ ବିଷୟକୁ ନେଇ ଏକ ଗୁରୁତ୍ୱପୂର୍ଣ ବୁଝାମଣା ସମ୍ପନ୍ନ ହୋଇଛି । ଏହାକୁ ମଦର ଅଫ ଅଲ ଡିଲ୍ସ ବୋଲି କୁହାଯାଉଛି । ଏହି ବାଣିଜ୍ୟ ଓ ପୁଂଜିବିନିଯୋଗ ବୁଝାମଣା ଏଭଳି ସମୟରେ ଆସିଛି ଯେତେବେଳେ ବୈଶ୍ୱିକ ବ୍ୟବସ୍ଥାରେ ଅସ୍ଥିରତା, ଭୂ ରାଜନୀତିରେ ଧ୍ରୁବୀକରଣ ଓ ଆର୍ଥିକ ଅନିଶ୍ଚିତତା ଦେଖିବାକୁ ମିଳୁଛି । ଏହି ବୁଝାମଣା ଦ୍ୱାରା ଭାରତ ଓ ୟୁରୋପୀୟ ସଂଘ ଉଭୟଙ୍କୁ ଲାଭ ହେବ ଅନିଶ୍ଚିତତା ମଧ୍ୟରେ ଗତି କରୁଥିବା ବିଶ୍ୱର କିଛି ମାତ୍ରାରେ ନିଶ୍ଚିତତା ଦେଖିବାକୁ ମିଳିବାର ସମ୍ଭାବନା ରହିଛି ।

ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଏଭଳି ବୁଝାମଣା ନେଇ ପ୍ରୟାସ କିଛି ନୂଆ ନୁହେଁ । ୨୦୦୭ ମସିହାରେ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଏଭଳି ବୁଝାମଣା କରିବାକୁ ନେଇ ପ୍ରୟାସ କରାଯାଇଥିଲା । ଉଭୟଙ୍କ ମଧ୍ୟରେ ବାଣିଜ୍ୟ ଓ ପୁଂଜି ବିନିଯୋଗକୁ ନେଇ ବିଭିନ୍ନ ପର୍ଯ୍ୟାୟରେ କଥାବାର୍ତା ଚାଲିଥିଲା । ହେଲେ ସେତେବେଳେ ଉଭୟ ପକ୍ଷଙ୍କ ପ୍ରାଥମିକତାରେ ଗଭୀର ପ୍ରଭେଦ ଥିଲା । ତେଣୁ ଏହି କଥାବାର୍ତା ୨୦୧୩ ମସିହା ବେଳକୁ ବିଫଳ ହୋଇ ଯାଇଥିଲା ଓ ଏହା ହୋଇ ପାରି ନ ଥିଲା ।

ମୁଖ୍ୟ ରୂପେ ସେତେବେଳେ ୟୁରୋପୀୟ ସଂଘର ଦେଶ ମାନେ ସେମାନଙ୍କର ଉତ୍ପାଦ ଭାରତୀୟ ବଜାରରେ ସୁବିଧାରେ ପହଂଚାଇବା ପାଇଁ ବିଭିନ୍ନ ତର୍କ ରଖିଥିଲେ । ଭାରତ ମଧ୍ୟ ସେତେବେଳେ ତାର ଶ୍ରମ ଶକ୍ତିର ବ୍ୟବହାର କିଭଳି ୟୁରୋପୀୟ ଦେଶ ମାନଙ୍କରେ କିଭଳି କରାଯାଇ ପାରିବ ସେ ନେଇ ଦାବି ରଖିଥିଲା । ଆହୁରି ଅନେକ ବିଷୟ ମଧ୍ୟ ଥିଲା । ହେଲେ ପ୍ରାଥମିକତାରେ ପାର୍ଥକ୍ୟ କାରଣରୁ ସେତେବେଳର କଥାବାର୍ତା ବିଫଳ ହୋଇଥିଲା ।

ଏବେ ୨୦୨୨ ମସିହାରେ ଏହି ପ୍ରକ୍ରିୟା ପୁଣିଥରେ ଆରମ୍ଭ ହୋଇଥିଲା ତେବେ ଚଳିତ ଥର କଥାବାର୍ତା ଆରମ୍ଭ ହେଲା ବେଳେ ପରିସ୍ଥିତି ବଦଳି ସାରିଥିଲା । ଏଥର ଏହି ଆଲୋଚନା ବେଳେ କେବଳ ଆର୍ଥିକ ବିଷୟରେ ନିଜର ତର୍କ ନ ଥିଲା ବରଂ ପରିବର୍ତିତ ବୈଶ୍ୱିକ ରାଜନୀତିର ବାଧ୍ୟବାଧକତା ମଧ୍ୟ ଥିଲା ।

ଏଠାରେ ଉଲ୍ଲେଖ କରିବା ଉଚିତ ହେବ ଯେ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି କାର୍ଯ୍ୟକାଳ ଆରମ୍ଭ ହେବା ପରେ ସାରା ବିଶ୍ୱରେ ଏକ ଭିନ୍ନ ପ୍ରକାରର ପରିସ୍ଥିତି ଉତ୍ପନ୍ନ ହୋଇଛି । ଅନେକ ଦେଶ ମାନଙ୍କ ମଧ୍ୟରେ ଏହି ଭାବନା ଦେଖିବାକୁ ମିଳିଛି ଯେ କଣ ଆମେରିକାକୁ ବିଶ୍ୱାସ କରାଯାଇ ନ ପାରେ । ଏହି ଭାବନାରେ ଆମେରିକାର ସହଯୋଗୀ ବୋଲି ଧରା ଯାଇଆସୁଥିବା ୟୁରୋପୀୟ ଦେଶ ମାନେ ମଧ୍ୟ ଅଛନ୍ତି । ଉଦାହରଣ ସ୍ୱରୂପ ଗ୍ରୀନଲ୍ୟାଣ୍ଡ ପ୍ରସଙ୍ଗକୁ ନିଆଯାଇ ପାରେ । ଟ୍ରମ୍ପଙ୍କ ଏତାଦୃଶ ବ୍ୟବହାର କାରଣରୁ ୟୁରୋପୀୟ ୟୁନିୟନର ବିଭିନ୍ନ ଦେଶ ମାନଙ୍କ ମନରେ ଅବିଶ୍ୱାସର ବାତାବରଣ ତିଆରି ହୋଇଛି । ସେମାନେ ବୁଝି ପାରୁଛନ୍ତି ଯେ ଯଦି ଏଭଳି ପରିସ୍ଥିତିରୁ ନିଜକୁ ସେମାନେ ବାହାର ନ କରିବେ ତେବେ ଆଗାମୀ ଦିନରେ ତାଙ୍କର ସ୍ଥିତି ଖରାପ ହୋଇ ପାରେ । ଆମେରିକା ସାରା ବିଶ୍ୱରେ ଟାରିଫ ନାମରେ ବୈଶ୍ୱିକ ସ୍ତରରେ ଏକ ପ୍ରକାର ବିଶୃଙ୍ଖଳା କରୁଥିବା ଦେଖିବାକୁ ମିଳୁଛି । ତେଣୁ ଏହାର ପ୍ରତିକାର ସ୍ୱରୂପ ବିଶ୍ୱରେ ରି- ଆଲାଇନମେଂଟ ହେବା ସ୍ୱାଭବିକ ଥିଲା । ତେଣୁ ଭାରତ – ଇୟୁ ମଧ୍ୟରେ ହୋଇଥିବା ଏହି ଚୁକ୍ତି ଏହି ରିଆଲାଇନମେଂଟର ଆରମ୍ଭ ମାତ୍ର । ରିଆଲାଇନମେଂଟ ସମ୍ପୂର୍ଣ ହୋଇଗଲା ବୋଲି କହିବା ଅତିଶୟୋକ୍ତି ହେବ । ତେବେ ଏହା ଆରମ୍ଭ ହୋଇଯାଇଛି ବୋଲି ଆମେ କହି ପାରିବା ।

ଅନ୍ୟ ପକ୍ଷରେ ୟୁରୋପୀୟ ସଂଘ ଆଜି ଚୀନ ଉପରେ ଅତ୍ୟଧିକ ନିର୍ଭରତାକୁ ନେଇ ଖୁବ ଅସହଜ ରହିଛି । ରୁଷ- ୟୁକ୍ରେନ ଯୁଦ୍ଧ କାରଣରୁ ୟୁରୋପୀୟ ସଂଘର ଉର୍ଜା ସୁରକ୍ଷା ଓ ରଣନୈତିକ ସ୍ୱାୟତତାକୁ ନେଇ ମଧ୍ୟ ବଡ ପ୍ରଶ୍ନ ଠିଆ ହୋଇଛି । ଏଭଳି ପରିସ୍ଥିତିରେ ଭାରତ ଏକ ବଡ ବଜାର, ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଉଦୀୟମାନ ଆର୍ଥିକ ଶକ୍ତି ଭାବେ ପରିଗଣିତ ହେଉଥିବା କାରଣରୁ ଇୟୁ ପାଇଁ ଏକ ସ୍ୱାଭବିକ ବିକଳ୍ପ ଥିଲା । ଅପର ପକ୍ଷରେ ଭାରତ ମଧ୍ୟ ନିଜର ମଲ୍ଟି ଆଲାଇନମେଂଟ ନୀତି ଆପଣାଉଛି । ଏହି ନୀତି ଅନୁଯାୟୀ ଭାରତ କୌଣସି ଗୋଟିଏ ଶକ୍ତି ସହ ବାନ୍ଧି ନ ହୋଇ ସମସ୍ତଙ୍କ ସହ ମଜବୁତ ସମ୍ପର୍କ ସୃଷ୍ଟି କରିବାକୁ ଚାହୁଁଛି ।

କେବଳ ସେତିକି ନୁହେଁ ଗତ କୋଭିଡ ସମୟରେ ଚୀନ ଯେଭଳି ଭାବେ ଗ୍ଲୋବାଲ ସପ୍ଲାୟ ଚେନ୍ କୁ ବାଧା ପହଂଚାଇଥିଲା ଓ ଅନ୍ୟ ଦେଶ ମାନଙ୍କୁ ହଇରାଣ କରିଥିଲା ତାକୁ ମଧ୍ୟ ଏହି ଦେଶ ମାନେ ଭଲ ଭାବେ ଦେଖିଛନ୍ତି ଓ କଷ୍ଟକୁ ଅନୁଭବ କରିଛନ୍ତି । ତେଣୁ ଆମେରିକା ସହିତ ଚୀନ ସହିତ ମଧ୍ୟ ସେମାନଙ୍କର ନିର୍ଭରତାକୁ କମ କରିବାକୁ ହେବ ବୋଲି ସେମାନେ ଚିନ୍ତା କରିଛନ୍ତି । ୟୁରୋପୀୟ ଦେଶ ମାନେ ଭଲ ଭାବେ ବୁଝି ପାରିଛନ୍ତି ଯେ ସେମାନଙ୍କୁ ବିକଳ୍ପ ଆବଶ୍ୟକ । ତେବେ ଏପରି ବିକଳ୍ପ ସେମାନେ କେଉଁଠି ପାଇବେ । ଏଭଳି କେଉଁ ଦେଶ ରହିଛି ଯେଉଁଥିରେ ବଡ ବଜାର ଥିବ ଯେଉଁଥିରେ ସେମାନେ ନିଜର ବସ୍ତୁ ଓ ସାମଗ୍ରୀ ବିକ୍ରୀ କରି ପାରିବେ ।

ଭାରତ ପାଇଁ ଏହି ବୁଝାମଣା ଅନେକ ସ୍ତରରେ ନିର୍ଣାୟକ ବୋଲି ପ୍ରମାଣିତ ହୋଇ ପାରେ । ପ୍ରଥମ ରପ୍ତାନୀରେ ବୃଦ୍ଧି ହୋଇ ପାରେ । ଟେକ୍ସଟାଇଲ, ରେଡିମେଡ ବସ୍ତ୍ର, ଫାର୍ମାସୁଟିକାଲ, ଇଂଜିନିୟରିଂ ଉତ୍ପାଦ ଓ ସୂଚନା ପ୍ରଯୁକ୍ତି ସେବାକୁ ୟୁରୋପୀୟ ବଜାରରେ ପ୍ରତିଯୋଗିତାରେ ଲାଭ ମିଳିବ । ଦ୍ୱିତୀୟ ହେଲା ଯେ ପୁଂଜି ବିନିଯୋଗରେ ପ୍ରବାହ ବଢିବ । ୟୁରୋପୀୟ ୟୁନିୟନର କମ୍ପାନୀ ଗୁଡିକ ଭାରତରେ ମାନୁଫାକ୍ଚରିଂଗ , ଅଟୋମୋବାଇଲ କ୍ଷେତ୍ର, ନବୀକରଣ ଯୋଗ୍ୟ ଉର୍ଜା, ଡିଜିଟାଲ ଇନଫ୍ରାଷ୍ଟ୍ରକଚର ଆଦି କ୍ଷେତ୍ରରେ ବଡ ପୁଂଜି ନିବେଶ କରି ପାରନ୍ତି । ତୃତୀୟ କଥା ହେଲା ଯେ ମେକ ଇନ ଇଂଡିଆ ଓ ଆତ୍ମ ନିର୍ଭର ଭାରତକୁ ବୈଶ୍ୱିକ ସପ୍ଲାୟ ଚେନ ସହ ଯୋଡିବାର ସୁଯୋଗ ମିଳିବ । ଏହା ଦ୍ୱାରା ଭାରତ କେବଳ ଉପଭୋକ୍ତା ନୁହେଁ ଉତ୍ପାଦନର କେନ୍ଦ୍ର ମଧ୍ୟ ହେବ । କିନ୍ତୁ ପ୍ରତ୍ୟେକ ସୁଯୋଗ ନିଜ ସହିତ ବିପଦ ମଧ୍ୟ ଆଣିଥାଏ । ୟୁରୋପୀୟ ସଂଘର କଠୋର ଶ୍ରମ, ପରିବେଶ ଓ ଡାଟା ସଂରକ୍ଷଣର ମାନକ ଭାରତ ପାଇଁ ନିଶ୍ଚିତ ଭାବେ ଏକ ଆହ୍ୱାନ ରହିବ । ମୁକ୍ତ ବାଣିଜ୍ୟ ନାମରେ ଘରୋଇ କୃଷି, ଡାୟରୀ ଉତ୍ପାଦ ଓ ଛୋଟ ଶିଳ୍ପ ଗୁଡିକୁ ଭାରତକୁ ସଂରକ୍ଷଣ ଦେବାକୁ ପଡିବ । ଏହି କ୍ଷେତ୍ର ଗୁଡିକ ଉପରେ ନିଶ୍ଚିତ ଭାବେ ଚାପ ରହିବ । ତେଣୁ ଏଭଳି ସନ୍ତୁଳନ ସ୍ଥାପିତ କରିବା ସେତେ ସହଜ ମଧ୍ୟ ହେବ ନାହିଁ ।

ତେବେ ଏଇ ବୁଝାମଣା ଦ୍ୱାରା ଉଭୟ ଭାରତ ଓ ୟୁରୋପୀୟ ୟୁନିୟନକୁ ନିଶ୍ଚିତ ଭାବେ ଲାଭ ହେବ । ତେବେ ଆମେରିକାକୁ ଏହି ବୁଝାମଣା କଷ୍ଟ ପହଂଚାଇଛି । ଆମେରିକାରୁ ଯେଭଳି ଭାବେ ପ୍ରତିକ୍ରିୟା ଆସିଛି ସେଥିରୁ ଏହା ଦ୍ୱାରା ଆମେରିକାକୁ ନିଶ୍ଚିତ ଭାବେ କ୍ଷତି ହେବ ଏହା ସ୍ପଷ୍ଟ ଅନୁମାନ କରାଯାଇ ପାରିବ ।

ରାଷ୍ଟ୍ରପତି ଟ୍ରମ୍ପ ଯଦିଓ ନିଜେ ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି ତେବେ ତାଙ୍କ ପ୍ରଶାସନର ଶୀର୍ଷ ଅଧିକାରୀ ସ୍କଟ ବେସେଂଟ ଏହି ଡିଲକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେ ଏହାକୁ ନେଇ ୟୁରୋପୀୟ ୟୁନିୟନ ଉପରେ ବର୍ଷିଛନ୍ତି । ଟ୍ରମ୍ପଙ୍କ ଦଳର ଜଣେ ସାଂସଦ କହିଛନ୍ତି ଯେ ଏହି ଡିଲ ଦ୍ୱାରା ଭାରତକୁ ଲାଭ ହେବାକୁ ଯାଉଛି । ଆମେରିକାର ପ୍ରତିକ୍ରିୟା ହିଁ ସ୍ପଷ୍ଟ କରୁଛି ଯେ ଏହି ବୁଝାମଣାରୁ କାହାକୁ ଲାଭ ହେବାକୁ ଯାଉଛି ।

# ବିଭାଜନର ପରିବର୍ତ୍ତିତ ଚେହେରା: ହିନ୍ଦୁ-ମୁସଲିମ ରୁ ହିନ୍ଦୁ-ହିନ୍ଦୁ ପର୍ଯ୍ୟନ୍ତ

**ଗୋପାଳ ମହାପାତ୍ର**

ଏକ ସମୟରେ ବିଭାଜନର ରେଖା ମୁଖ୍ୟତଃ ହିନ୍ଦୁ-ମୁସଲିମ ସମୁଦାୟଙ୍କ ଭିତରେ ଟଣା ଯାଉଥିଲା ଏବଂ ରାଜନୀତି ସଂଗ୍ୟାଗରିଷ୍ଠଙ୍କ ଅସୁରକ୍ଷା ବନାମ ଅଳ୍ପ ସଂଖ୍ୟକ ଭୟର ସରଳ ସମୀକରଣକୁ ନେଇ ଖେଳା ଯାଉଥିଲା। କିନ୍ତୁ ଏବେ ସେଇ ରାଜନୀତି ସମାଜ ଭିତରେ ଗୋଟିଏ ଧାର୍ମିକ ପରିଚୟ ଭିତରେ ନୂଆ ବିଭାଜନର ରେଖା ଟାଣିବାକୁ ଯାଉଛି। ଆଜିର ଭାରତରେ ଧର୍ମ କେବଳ ଆସ୍ଥା ଓ ବିଶ୍ୱାସ ଭଳି ବ୍ୟକ୍ତିଗତ ପ୍ରସଙ୍ଗ ବା ବିଷୟ ହୋଇ ରହିନାହିଁ। ଏହା ଶାସନ, ପରିଚୟ, ମନଗଢ଼ା କାହାଣୀ ଏବଂ ସାମାଜିକ ନିୟନ୍ତ୍ରଣର ଏକ ପ୍ରଭାବୀ ଅସ୍ତ୍ର ପାଲଟିଯାଇଛି। ଏହି ବ୍ୟାପକ ପୃଷ୍ଠଭୂମିରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ଭେଦଭାବ- ନିରୋଧକ ଆଇନକୁ ବୁଝିବା ଏବଂ ପରଖିବା ଆବଶ୍ୟକ ହୋଇପଡିଛି। କାଗଜରେ ଏହି ନୂଆ ନିୟମ ସମାନତା, ମର୍ଯ୍ୟଦା, ନ୍ୟାୟର କଥା କହୁଛି। ଏହାର ଉଦେଶ୍ୟ ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ଜାତି, ଧର୍ମ, ଲିଙ୍ଗ, ଭାଷା, ଅଞ୍ଚଳ, ସାମାଜିକ ପୃଷ୍ଠଭୂମି ଅଥବା କୌଣସି ଅନ୍ୟ ଆଧାରରେ ହେଉଥିବା ଭେଦଭାବକୁ ରୋକାଯିବ। ଅଭିଯୋଗ ନିବାରଣର ସଂସ୍ଥାଗତ ବ୍ୟବସ୍ଥା ନିର୍ମାଣ କରାଯିବ ଯେଉଁଠି ଛାତ୍ର ଏବଂ ଶିକ୍ଷକଙ୍କୁ ଏକ ସୁରକ୍ଷିତ ଏବଂ ସମ୍ମାନଜନକ ବାତାବରଣ ମିଳିବ। କିନ୍ତୁ କୌଣସି ନୀତିର ମୂଲ୍ୟାଙ୍କନ କେବଳ ଘୋଷିତ ଉଦେଶ୍ୟରେ କରାଯାଏ ନାହିଁ ବରଂ ଏହାର କାର୍ଯ୍ୟକାରୀତା, ତାର ରାଜନୈତିକ ସନ୍ଦର୍ଭ ଏବଂ ତାହାର ସାମାଜିକ ପ୍ରଭାବକୁ ନେଇ କରାଯିବା ଉଚିତ୍।

ସମସ୍ୟା ହେଉଛି ସେଇ ବିଚାରଧାରା ଏବଂ ରାଜନୈତିକ ପରିସ୍ଥିତିରେ ଏହି ନିୟମକୁ ଲାଗୁ କରାଯାଉଛି। ବିଗତ ଏକ ଦଶନ୍ଧି ହେବ ଭାରତୀୟ ରାଜନୀତିରେ ପରିଚୟକୁ ନୀତିଠାରୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସାମାଜିକ ପ୍ରଶ୍ନର ସଂରଚନାତ୍ମକ ସୁଧାର ପରିବର୍ତ୍ତେ ଭାବନାତ୍ମକ ଧ୍ରୁବୀକରଣ ମାଧ୍ୟମରେ ସମ୍ବୋଧିତ କରାଯାଉଛି। ପୁର୍ବରୁ ଏହି ଧ୍ରୁବୀକରଣ ହିନ୍ଦୁ ବନାମ ମୁସଲିମର ସ୍ପଷ୍ଟରେଖା ଉପରେ ଆଧାରିତ ଥିଲା। ମନ୍ଦିର, ମସଜିଦ୍, ଆସ୍ଥା, ଇତିହାସ ଏବଂ ରାଷ୍ଟ୍ରବାଦ ନାମରେ ସମାଜକୁ ଦୁଇ ଭାଗରେ ବଣ୍ଟାଯାଇଥିଲା। କିନ୍ତୁ ଯେତେବେଳେ ଏହି ଧ୍ରୁବୀକରଣ ଚରମ ସ୍ତରରେ ପହଞ୍ଚିଲା ଏବଂ ଏହାର ନିର୍ବାଚନୀ ଉପଯୋଗୀତା ସିମୀତ ହେବାରେ ଲାଗିଲା ସେତେବେଳେ ରାଜନୀତି ଏକ ନୂଆ ବିଭାଜନ ସୃଷ୍ଟି କରିବା ଆରମ୍ଭ କରିଦେଲା। ଏବେ ଏହି ରାଜନୀତି ହିନ୍ଦୁ ସମାଜ ଭିତରେ ଜାତି, ଉପଜାତି, ସାମାଜିକ ସ୍ଥିତି, ସାଂସ୍କୃତିକ ପ୍ରଥା, ଖାଇବା ପିଇବା ପୋଷାକ, ଭାଷା ଏବଂ ଆଞ୍ଚଳିକ ପରିଚୟର ଆଧାରରେ ନୂଆ ରେଖା ଟାଣିବାକୁ ଯାଉଛି। ହିନ୍ଦୁ ସମାଜକୁ ଏକ ସମରପ, ଏକଜୁଟ ସଂସ୍ଥା ଭାବରେ ପ୍ରସ୍ତୁତ କରାଯାଉଛି। କିନ୍ତୁ ବାସ୍ତବିକତା ହେଉଛି ଯେ ଏହି ସମାଜ ସ୍ୱୟଂ ଐତିହାସିକ ରପରେ ବିଭାଜିତ, ସବର୍ଣ୍ଣ ଏବଂ ଅସବର୍ଣ୍ଣ, ଓବିସି ଏବଂ ଦଳିତ, ଆଦିବାସୀ ଏବଂ ଅଣଆଦିବାସୀ, ସହରୀ ଏବଂ ଗାଉଁଲି, ଉତ୍ତର ଓ ଦକ୍ଷିଣ ଏବଂ କେନ୍ଦ୍ର ଓ ପରିଧି।

ସମାଜର ଏହି ଅନ୍ତର୍ବିରୋଧର ସମାଧାନ ପରିବର୍ତ୍ତେ ରାଜନୀତି ଏହି ବିଭାନକୁ ଅଧିକ ଗଭୀର କରୁଥିବା ଦେଖାଯାଉଛି। କାରଣ ହେଉଛି ସମାଜ ଏକଜୁଟ ରହିଲେ ପ୍ରଶ୍ନ କରିବ। କିନ୍ତୁ ବିଭାଜିତ ସମାଜକୁ ଭାବନା ମାଧ୍ୟମରେ ପରିଚାଳିତ କରିହେବ। ଏହି ରଣନୀତି ଅନୁସାରେ ଶିକ୍ଷା ସଂସ୍ଥାନ ବିଶେଷକରି ବିଶ୍ୱବିଦ୍ୟାଳୟ ଏକ ନୂଆ ରଣକ୍ଷେତ୍ରରେ ପରିଣତ ହେବାକୁ ଯାଉଛି। ବିଶ୍ୱବିଦ୍ୟାଳୟ କେବଳ ଡିଗ୍ରୀ ଦେଉଥିବା ଏକ କାରଖାନା ନୁହେଁ ବରଂ ବିଚାରର ନିର୍ମାଣ ଆଲୋଚନାତ୍ମକ ଚେତନା ଏବଂ ସାମାଜିକ ବମର୍ଷର କେନ୍ଦ୍ର ଅଟେ। କିନ୍ତୁ ସେହି ବିଶ୍ୱବିଦ୍ୟାଳୟ ଯେତେବେଳେ ପରିଚୟର ରାଜନୀତିର ଚାପରେ ଆସେ ସେତେବେଳେ ଶିକ୍ଷାର ମୂଳ ଉଦେଶ୍ୟ ସାଧିତ ହୋଇପାରେ ନାହିଁ। ୟୁଜିସିର ଭେଦଭାବ ନିରୋଧକ ନିୟମ ଏହି ସନ୍ଦର୍ଭରେ ଏକ ସମ୍ବେଦନଶୀଳ ଏବଂ ବିବାଦୀୟ ଅସ୍ତ୍ର ପାଲଟି ଯାଇପାରେ। ୟୁଜିସି ଆଇନର ସମର୍ଥକ ମାନଙ୍କ ଯୁକ୍ତି ହେଉଛି ବିଶ୍ୱବିଦ୍ୟାଳୟ ପରିସରରେ ଦୀର୍ଘ ସମୟ ହେଲା ବଞ୍ଚିତ ଗୋଷ୍ଠୀଙ୍କ ସହ ଅନ୍ୟାୟ ହେଉଛି, ଭେଦଭାବ ବଢୁଛି ଏଣୁ ଏହି ନିୟମର ଆବଶ୍ୟକତା ରହିଛି। କିନ୍ତୁ ଏହି ଯୁକ୍ତ ନିରାଧାର ବୋଲି କୁହାଯାଇପାରେ।

ଭାରତର ସାମାଜିକ ଇତିହାସରୁସ୍ପଷ୍ଟ ଯେ ସଂସ୍ଥାଗତ ହସ୍ତକ୍ଷେପ ବିନା ସମାନତା କେବଳ ଏକ ଆଦର୍ଶ ଭାବେ ରହିଯାଇଥାଏ। ୟୁଜିସି ଆଇନ୍‌ର ଆଲୋଚକ ମାନଙ୍କ ପ୍ରଶ୍ନ ହେଉଛି ଯେ ଏହି ନୂଆ ଆଇନ୍ ବାସ୍ତବିକ୍‌ଭାବେ ଉତ୍ପିଡ଼ନକୁ ସମାପ୍ତ କରିବ ନା ପୁଣି ସେଇ ପରିଚୟର ରାଜନୀତିକୁ ଶିକ୍ଷାସଂସ୍ଥାନ ପରିସରରେ ସଂସ୍ଥାଗତ ରପ ଦେବ ? ସମସ୍ୟା ସେତେବେଳେ ସୃଷ୍ଟି ହୁଏ ଯେତେବେଳେ ସବୁ ଅସହମତି, ସବୁ ବିଚାରଗତ ଲଢେଇ ଏବଂ ସବୁ ଅସୁବିଧାଜନକ ପ୍ରଶ୍ନକୁ ଭେଦଭାବର ଶ୍ରେଣୀରେ ରଖି ଦେଖା ଯାଏ। ବିଶ୍ୱବିଦ୍ୟାଳୟ ହେଉଛି ଚିନ୍ତନ-ମନ୍ଥନ, ବିଚାର-ବିମର୍ଷର ସ୍ଥାନ। ଏଠି ବିଚାର ମଧ୍ୟରେ ଲଢ଼େଇ ହୁଏ, ମତଭେଦ ମଧ୍ୟ ହୁଏ, ଅସହମତି ଥାଏ। ଯଦି ଏହି ସ୍ୱାଭାବିକ ପ୍ରକ୍ରିୟାକୁ ରାଜନୈତିକ ଦୃଷ୍ଟିରେ ଦେଖାଯାଏ ତେବେ ଭୁଲ ହୋଇଥାଏ। ଯେତେବେଳେ ଅଭିଯୋଗ ନିବାରଣ ସଂସ୍ଥା ଆଲୋଚନାରେ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ଦଣ୍ଡିତ କରିବାକୁ ଗୁରୁତ୍ୱ ଦିଅନ୍ତି ତେବେ ଭୟଙ୍କର ବାତାବରଣ ସୃଷ୍ଟି ହେବା ନିଶ୍ଚିତ। ଏଭଳି ଅବସ୍ଥା ସୃଷ୍ଟି ହେଲେ ସମ୍ବେଦନଶୀଳ ସାମାଜିକ ପ୍ରସଙ୍ଗକୁ ପଢ଼ାଇବା ବେଳେ ଶିକ୍ଷକ ଡ଼ରିବେ ଓ ଛାତ୍ର ପ୍ରଶ୍ନ ପଚାରିବା ପାଇଁ ମଧ୍ୟ ଡ଼ରିବେ। ଏହା ଦ୍ୱାରା ଏକାଡ଼େମୀକ ସ୍ୱତନ୍ତ୍ରତା ଦୁର୍ବଳ ହେବ।

ଭାରତରେ ଜାତିଗତ ଭେଦଭାବ ଏକ ଐତିହାସିକ ଏବଂ ସଂରଚନାତ୍ମକ ସତ୍ୟ ଅଟେ। ବିଶ୍ୱବିଦ୍ୟାଳୟ ପରିସରରେ ମଧ୍ୟ ଏଭଳି ଘଟୁଥିବାର ଉଦାହରଣ ରହିଛି ଯାହାକୁ ଗୁରୁତ୍ୱର ସହ ବିଚାର କରାଯିବା ଆବଶ୍ୟକ। କିନ୍ତୁ ସମସ୍ୟା ସେତିକିବେଳେ ସୃଷ୍ଟିହୁଏ ଯେତେବେଳେ ସବୁ ସାମାଜିକ ପ୍ରଶ୍ନର ସମାଧାନ ପରିବର୍ତ୍ତେ ଧ୍ରୁବୀକରଣ କରାଯାଏ। ସମସ୍ୟା ସେତେବେଳେ ଉପୁଜେ ଯେତେବେଳେ ସମାନତାର ଭାଷା ଭିତରେ ଅସମାନତାର ନୂଆ ରପ ଜନ୍ମ ନିଏ। ସମସ୍ୟା ସେତେବେଳେ ହୁଏ ଯେତେବେଳେ କିଛି ସ୍ୱରକୁ ସଂରକ୍ଷିତ ବୋଲି ଗ୍ରହଣ (କ୍ରମଶଃ)



# ସଂସଦରେ ମୋଦୀଙ୍କ ଉପରେ ଆକ୍ରମଣର ଯୋଜନା ଥିଲା

**ନୂଆଦିଲ୍ଲୀ,୫।୨(ଏଜେନ୍ସି):** ବୁଧବାର ଲୋକସଭାରେ ଶାସକ ଓ ବିରୋଧୀ ଦଳ ମଧ୍ୟରେ ହୋଇଥିବା ପ୍ରବଳ ହଟ୍ଟଗୋଳକୁ ନେଇ ବିଜେପି ଏବେ କଂଗ୍ରେସ ଉପରେ ବଡ଼ ଅଭିଯୋଗ ଆଣିଛି । ବିଜେପି ସାଂସଦ ମନୋଜ ତିୱାରୀ ଦାବି କରିଛନ୍ତି ଯେ କଂଗ୍ରେସ ମହିଳା ସାଂସଦମାନଙ୍କୁ ଆଗକୁ କରି ପ୍ରଧାନମନ୍ତ୍ରୀଙ୍କ ଉପରେ ଆକ୍ରମଣ କରିବା ଉଦ୍ଦେଶ୍ୟରେ ତାଙ୍କ ଆସନ ପର୍ଯ୍ୟନ୍ତ ଆସିଥିଲେ। ବିଜେପି ସାଂସଦ ମନୋଜ ତିୱାରୀ କହିଛନ୍ତି ଯେ ବୁଧବାର ଗୃହରେ ଯାହା କିଛି ଘଟିଛି ସେଥିପାଇଁ ସାରା ଦେଶ କଂଗ୍ରେସକୁ ଧିକ୍କାର କରିବ । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଉତ୍ତର ରଖିବାର ଥିଲା, କିନ୍ତୁ ୫ଟା ବାଜିବା ମାତ୍ରେ ମହିଳାମାନଙ୍କୁ ଆଗକୁ କରି କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କ ଚେୟାର ଏବଂ ତା'ଠାରୁ ଆଗକୁ ଘେରି ଯାଇଥିଲେ। କଂଗ୍ରେସକୁ ଦେଶରେ ମିଳୁଥିବା ପରାଜୟ ଯୋଗୁଁ ଏତେ ବ୍ୟତିବ୍ୟସ୍ତ ହୋଇପଡ଼ିଛି ଯେ ଏହି ଲୋକମାନେ ପ୍ରଧାନମନ୍ତ୍ରୀଙ୍କ



ଉପରେ ଆକ୍ରମଣ କରିବାକୁ ଚାହୁଁଛନ୍ତି । ମନୋଜ ତିୱାରୀ ଆହୁରି କହିଛନ୍ତି, ଏହି ଲୋକମାନେ ଅତ୍ୟନ୍ତ କ୍ରୋଧିତ ହୋଇ ଆକ୍ରମଣ କରିବା ଉଦ୍ଦେଶ୍ୟରେ ଆସିଥିଲେ। ସେମାନେ ପ୍ରଧାନମନ୍ତ୍ରୀଙ୍କ ଆସନ ପର୍ଯ୍ୟନ୍ତ ଏବଂ ତା'ଠାରୁ ଆଗକୁ ଚାଲିଗଲେ । ଆମେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲୁ ଯେ ଏହା କ'ଣ ହେଉଛି । ବିଜେପି ସାଂସଦ ଦାବି କରିଛନ୍ତି ଯେ ଏହା ସମ୍ପୂର୍ଣ୍ଣ ଭାବେ ଏକ ପୂର୍ବ ଯୋଜନା ଥିଲା । କିନ୍ତୁ କିରଣ ରିଜିଜୁଙ୍କ ଯୋଗୁଁ ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇପାରିଲା ।

# ଉତ୍ତରପ୍ରଦେଶରେ ଚାଇନିଜ୍ ମାଞ୍ଜା ଉପରେ ପ୍ରତିବନ୍ଧକ ଲଗାଇଲେ ସରକାର

**ନୂଆଦିଲ୍ଲୀ,୫।୨(ଏଜେନ୍ସି):** ସମଗ୍ର ଉତ୍ତର ପ୍ରଦେଶରେ ଚାଇନିଜ୍ ସୂତା ଉପରେ ଲଗାଯାଇଛି ପ୍ରତିବନ୍ଧକ । ମାଞ୍ଜା ସୂତାରେ ବାରମ୍ବାର ଦୁର୍ଘଟଣା ପରେ ଘଟଣାକୁ ଗମ୍ଭୀରତାର ସହ ନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ନିଷ୍ପତ୍ତି ନେଇଛନ୍ତି । ଏବେ ଉତ୍ତର ପ୍ରଦେଶରେ ଚାଇନିଜ୍ ସୂତା ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଚାଇନିଜ୍ ସୂତାର ବିକ୍ରୟ ଏବଂ ଉପଲବ୍ଧତାକୁ ରୋକିବା ପାଇଁ ରାଜ୍ୟବ୍ୟାପୀ ଚଢ଼ାଉ କରିବାକୁ ମୁଖ୍ୟମନ୍ତ୍ରୀ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ଚାଇନିଜ୍ ମାଞ୍ଜା ଯୋଗୁଁ ଯେକୌଣସି ଜୀବନହାନିକୁ ହତ୍ୟା ବୋଲି ବିବେଚନା କରାଯିବ ଏବଂ ସେହି ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ, କୌଣସି ସ୍ତରରେ ଅବହେଳା ନ ଘଟେ ତାହା ନିଶ୍ଚିତ କରିବା ପାଇଁ ଏହି ରାଜ୍ୟବ୍ୟାପୀ ଅଭିଯାନର ନିୟମିତ ଭାବରେ ସର୍ବୋଚ୍ଚ ସ୍ତରରେ ସମୀକ୍ଷା କରାଯିବ । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଚାଇନିଜ୍ ମାଞ୍ଜା ଯୋଗୁଁ ହେଉଥିବା କ୍ରମାଗତ ମୃତ୍ୟୁକୁ ନେଇ ଅସନ୍ତୋଷ ଥିଲେ । ନିଷେଧ ସତ୍ତ୍ୱେ ଚାଇନିଜ୍ ମାଞ୍ଜା କିପରି ବଜାରରେ ବିକ୍ରି ହେଉଛି ଏବଂ କିଏ ଏହାକୁ କିଏ ବିକ୍ରି କରୁଛି ସେ ବିଷୟରେ ସେ ସିଧାସଳଖ ଅଧିକାରୀମାନଙ୍କୁ ପ୍ରଶ୍ନ କରିଥିଲେ ।



ମୁଖ୍ୟମନ୍ତ୍ରୀ ଏହାକୁ ତୁରନ୍ତ ଏବଂ ପ୍ରଭାବଶାଳୀ ଭାବରେ ନିଷେଧ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରିଥିଲେ । ଯୋଗୀ ଆଦିତ୍ୟନାଥ କଡ଼ା ଶବ୍ଦରେ କହିଛନ୍ତି ଯେ, ଚାଇନିଜ୍ ମାଞ୍ଜା ଦ୍ୱାରା ହେଉଥିବା ଯେକୌଣସି ମୃତ୍ୟୁକୁ ଏବେ ହତ୍ୟା ବୋଲି ବିବେଚନା କରାଯିବ ଏବଂ ସମ୍ପୃକ୍ତ ଲୋକଙ୍କ ବିରୁଦ୍ଧରେ ହତ୍ୟା ଅଭିଯୋଗ ରୁଜୁ କରାଯିବ । ସେ ରାଜ୍ୟର ସମସ୍ତ ପୁଲିସ ମୁଖ୍ୟଙ୍କୁ ସେମାନଙ୍କ ଜିଲ୍ଲାରେ ଚଢ଼ାଉ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଚାଇନିଜ୍ ମାଞ୍ଜା ଯୋଗୁଁ ଘଟୁଥିବା ଘଟଣାର ଗମ୍ଭୀରତାକୁ ଦର୍ଶାଇ ଅଧିକାରୀମାନେ ରିପୋର୍ଟ କରିଛନ୍ତି ଯେ, ବୁଧବାର ଲକ୍ଷ୍ନୌରେ ଜଣେ ମେଡିକାଲ୍ ପ୍ରତିନିଧିଙ୍କ ଗଳା କଟିଯିବା ପରେ ତାଙ୍କର ମୃତ୍ୟୁ ହୋଇଥିଲା । ସେ ବହୁତ ସମୟ ଧରି ଯନ୍ତ୍ରଣାରେ ଛଟପଟ ହୋଇଥିଲେ । ଗତ ବର୍ଷ ଏପରି ୮ଟି ଘଟଣା ରିପୋର୍ଟ ହୋଇଛି । ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ନିଷେଧ ସତ୍ତ୍ୱେ ଚାଇନିଜ୍ ସୂତାର ବିକ୍ରୟ ଏବଂ ବ୍ୟବହାରକୁ କୌଣସି ପରିସ୍ଥିତିରେ ସହ୍ୟ କରାଯିବ ନାହିଁ । ଏହି ବେଆଇନ ବ୍ୟବସାୟରେ ସମ୍ପୃକ୍ତ ସମଗ୍ର ନେଟୱାର୍କକୁ ଚିହ୍ନଟ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ଦୋଷୀମାନଙ୍କୁ ଗିରଫ କରି ଜେଲ୍ ପଠାଇବାକୁ ସେ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ବ୍ୟତୀତ, ସାରା ରାଜ୍ୟରେ ଚାଇନିଜ୍ ସୂତା ଜବତ କରିବା ପାଇଁ ଏକ କଠୋର ଏବଂ ନିରନ୍ତର ଅଭିଯାନ ଆରମ୍ଭ କରିବାକୁ ୟୁପି ପୁଲିସକୁ ନିର୍ଦ୍ଦେଶ ଦିଆଯାଇଛି ।

# ହମାସକୁ ସାହାଯ୍ୟ କରୁଛନ୍ତି ଇସ୍ରାଏଲ ସୈନିକ

**ନୂଆଦିଲ୍ଲୀ,୫।୨(ଏଜେନ୍ସି):** ଇସ୍ରାଏଲର ନ୍ୟାୟ ମନ୍ତ୍ରଣାଳୟ ଗାଜାରେ ଏକ ବଡ଼ ଧରଣର ଚୋରା ଚାଲାଣ ନେଟୱାର୍କର ପର୍ଦ୍ଦାଫାସ୍ କରିଛି । ରାଜ୍ୟ ପବ୍ଲିକ ପ୍ରସିକ୍ୟୁଟରଙ୍କ ଅନୁଯାୟୀ,ଏହି ମାମଲାରେ ପ୍ରାୟ ୧୨ ଲୋକଙ୍କୁ ଅଭିଯୁକ୍ତ କରାଯାଇଛି । ଯେଉଁଥିରେ ଇସ୍ରାଏଲୀ ସୈନିକ ଓ ରିଜର୍ଭ ଫୋର୍ସର ସଦସ୍ୟ ମଧ୍ୟ ଅଛନ୍ତି । ଅଭିଯୋଗ ହୋଇଛି ଯେ, ଏହି ବ୍ୟକ୍ତିମାନେ ଯୁଦ୍ଧ ସମୟରେ ଗାଜାକୁ ଲକ୍ଷ ଲକ୍ଷ ଡଲାର ମୂଲ୍ୟର ସାମଗ୍ରୀ ଚୋରାଚାଲାଣ କରି କେବଳ ଆଇନ ଭଙ୍ଗ କରି ନଥିଲେ, ବରଂ ଶତ୍ରୁ ସଂଗଠନ ହମାସକୁ ମଧ୍ୟ ସହାୟତା କରିଥିଲେ । ଇସ୍ରାଏଲୀ ପବ୍ଲିକ ପ୍ରସିକ୍ୟୁଟରଙ୍କ ଦ୍ୱାରା ଜାରି ଏକ ବିବୃତିରେ କୁହାଯାଇଛି, ଅଭିଯୁକ୍ତମାନେ ଗାଜାକୁ ସିଗାରେଟ୍, ଆଇଫୋନ୍, ବ୍ୟାଟେରୀ, ଯୋଗାଯୋଗ କେବୁଲ୍ ଓ କାର୍ ପାର୍ଟସ୍ ଭଳି ସାମଗ୍ରୀ ଚୋରା ଚାଲାଣ କରୁଥିଲେ । ଏହା ମଧ୍ୟ ଅଭିଯୋଗ କରାଯାଇଛି, ସେମାନେ ଜାଣିଶୁଣି ଚୋରା ଚାଲାଣ କରୁଥିଲେ ଯେଭଳି ଏହି ସାମଗ୍ରୀଗୁଡ଼ିକ ହମାସ ସଦସ୍ୟଙ୍କ ପାଖରେ ପହଞ୍ଚିପାରିବ। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଇସ୍ରାଏଲ-ଗାଜା ସୀମାରେ ଦୁର୍ବଳ ନଜର ରଖିବା ଯୋଗୁ ଏହି ଚୋରା ଚାଲାଣ ସମ୍ଭବ ହୋଇଥିଲା । ଇସ୍ରାଏଲୀ ଖବରକାଗଜ ହାରେଜ୍ ଦାବି କରିଛି ଯେ, ରିଜର୍ଭ ସୈନିକମାନେ ଏହି କାର୍ଯ୍ୟରେ ସାମିଲ ଥିଲେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯୁଦ୍ଧ ସମୟରେ ଗାଜାକୁ ମାନବିକ ସହାୟତାକୁ ମଧ୍ୟ କଡ଼ାକଡ଼ି ନିୟନ୍ତ୍ରଣ କରାଯାଇଛି । ହମାସ ପାଇଁ ଲାଭଦାୟକ ହେଉଥିବା ଅନେକ ସାମଗ୍ରୀ ଉପରେ ପ୍ରତିବନ୍ଧକ ଲଗାଯାଇଛି । ଆସୋସିଏଟେଡ୍ ପ୍ରେସ୍ ଦ୍ୱାରା ପ୍ରାପ୍ତ ଗାଜା ଚାମ୍ବର ଅଫ୍ କମର୍ସର ଏକ ଆଭ୍ୟନ୍ତରୀଣ ଉପସ୍ଥାପନାରୁ ଜଣାପଡିଛି ଯେ, ସରକାରୀ କ୍ରସିଂ ସିଷ୍ଟମ୍ ବାହାରେ ସେନାର ଜାଣତରେ ସିଲ୍ ହୋଇଥିବା ଇସ୍ରାଏଲୀ ଟ୍ରକ୍ ମାଧ୍ୟମରେ ସାମଗ୍ରୀ ଗାଜାକୁ ପରିବହନ କରାଯାଉଛି । ରିପୋର୍ଟ ଅନୁଯାୟୀ, ପ୍ରତି ସିପମେଣ୍ଟ ପାଇଁ ବେଆଇନ ଶୁଳ୍କ ଲକ୍ଷ ଲକ୍ଷ ଡଲାର ହୋଇପାରେ। ପବ୍ଲିକ ପ୍ରସିକ୍ୟୁଟରଙ୍କ ବୟାନରେ ଇସ୍ରାଏଲର ଘରୋଇ ଗୁଇନ୍ଦା ସଂସ୍ଥା ସିନ୍ ବେଟ୍ର ମୁଖ୍ୟ ଡେଭିଡ୍ ଜିନିଙ୍କ ଭାଇ ବେଜାଲେଲ୍ ଜିନିଙ୍କ ନାମ ଆସିଥିଲା । ଫଳରେ ଏନେଇ ଦେଶରେ ଚର୍ଚ୍ଚା ବେଶ୍ ସରଗରମ ହୋଇଥିଲା । ତାଙ୍କ ବିରୋଧରେ ଲାଞ୍ଚ ବଦଳରେ ସେ ସିଗାରେଟ୍ ଚୋରା ଚାଲାଣକୁ ସହଜ କରିଥିବା ଅଭିଯୋଗ ହୋଇଛି। ତେବେ ଜିନିଙ୍କ ବିରୋଧରେ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ଅଭିଯୋଗ କରାଯାଇ ନାହିଁ ।

## ଓଟଙ୍କୁ ମିଳିବ ପାସପୋର୍ଟ

# ସାଉଦି ସରକାରଙ୍କ ଅନନ୍ୟ ପଦକ୍ଷେପ

**ନୂଆଦିଲ୍ଲୀ,୫।୨(ଏଜେନ୍ସି):** ସାଉଦି ଆରବ ଏପରି ଏକ ନିଷ୍ପତ୍ତି ନେଇଛି ଯାହା ସାରା ବିଶ୍ୱକୁ ଆଶ୍ଚର୍ଯ୍ୟ କରିଛି। ଏବେ ମଣିଷଙ୍କ ଭଳି ଓଟମାନଙ୍କୁ ମଧ୍ୟ ପାସପୋର୍ଟ ଦିଆଯିବ । ସରକାର ଦେଶର ଲକ୍ଷ ଲକ୍ଷ ଓଟଙ୍କ ପାଇଁ ସରକାରୀ ପାସପୋର୍ଟ ଜାରି କରିବାକୁ ଯୋଜନା ଘୋଷଣା କରିଛନ୍ତି । ଏହି ପଦକ୍ଷେପ ଦ୍ୱାରା ଓଟଙ୍କ କ୍ରୟ, ବିକ୍ରୟ, ଚିହ୍ନଟ ଏବଂ ପରିଚାଳନାରେ ଉନ୍ନତି ଆସିବ ବୋଲି କୁହାଯାଉଛି । ଶତାବ୍ଦୀ ଧରି ଆରବ ଉପଦ୍ୱୀପରେ ଓଟ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ରହିଆସିଛି। ପରିବହନ, ବାଣିଜ୍ୟ ଏବଂ ମରୁଭୂମି ଜୀବନରେ ଓଟମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ୨୦୨୧ ମସିହାରେ ପ୍ରକାଶିତ ଗବେଷଣା ଅନୁଯାୟୀ, ସାଉଦି ଆରବରେ ଓଟଙ୍କ କାର୍ଯ୍ୟ ସାତ ହଜାର ବର୍ଷ ପୁରୁଣା ହୋଇପାରେ। ହଜାର ହଜାର ବର୍ଷ ଧରି ଆରବ ସଭ୍ୟତାରେ ଓଟର ଗୁରୁତ୍ୱ ରହିଛି । ପରିବେଶ, ଜଳ ଏବଂ କୃଷି ମନ୍ତ୍ରଣାଳୟ ଅନୁଯାୟୀ, ଓଟମାନଙ୍କୁ ପାସପୋର୍ଟ ପ୍ରଦାନ କରିବା ଦ୍ୱାରା ଏହି କ୍ଷେତ୍ରର ଉତ୍ପାଦକତା ଏବଂ ଦକ୍ଷତା ବୃଦ୍ଧି ପାଇବ ତଥା ଏହା ଓଟମାନଙ୍କର ଏକ ନିର୍ଭରଯୋଗ୍ୟ ଏବଂ ବ୍ୟାପକ ଡାଟାବେସ୍ ମଧ୍ୟ ସୃଷ୍ଟି କରିବ। ମନ୍ତ୍ରଣାଳୟ କହିଛି, ଦେଶରେ ଓଟ ସଂଖ୍ୟା ଅଧିକ ଏବଂ ଏପର୍ଯ୍ୟନ୍ତ ସେମାନଙ୍କର ପରିଚାଳନା ପାଇଁ କୌଣସି କେନ୍ଦ୍ରୀୟ ଚିହ୍ନଟ ବ୍ୟବସ୍ଥା ନାହିଁ, ଯାହାକୁ ନୂଆ ପଦକ୍ଷେପ ପରିବର୍ତ୍ତନ କରିବୟ ସରକାର କହିଛନ୍ତି ଯେ ଏହି ପାସପୋର୍ଟ ଓଟ ବିକ୍ରୟ ଏବଂ ବାଣିଜ୍ୟକୁ ସୁବ୍ୟବସ୍ଥିତ କରିବାରେ ସାହାଯ୍ୟ କରିବ । ଏହା ଓଟ ପରିବହନ, କ୍ରୟ ଏବଂ ବିକ୍ରୟ ଏବଂ ରେକର୍ଡ ରଖିବା ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରିବ । ଏହା ବଡ଼ ଏବଂ ଲାଭଦାୟକ ଶିଳ୍ପ ପାଲଟିଛି । ମନ୍ତ୍ରଣାଳୟ ଏହି ପାସପୋର୍ଟର ଏକ ଫଟୋ ମଧ୍ୟ ସୋସିଆଲ ମିଡିଆରେ ସେୟାର କରିଛି । ଏହା ସାଉଦି ଆରବର ଜାତୀୟ ପ୍ରତୀକ ଏକ ସୁବର୍ଣ୍ଣ ଓଟ ପ୍ରତିଛବି ସହିତ ଏକ ସବୁଜ ପାସପୋର୍ଟ। ରାଷ୍ଟ୍ରାୟତ୍ତ ପ୍ରସାରକ ଅଲ୍ ଅଖବାରିଆ




ଅନୁଯାୟୀ, ଏହି ପାସପୋର୍ଟ ଓଟ ପାଇଁ ସରକାରୀ ପରିଚୟ ପତ୍ର ହେବ ଓ ମାଲିକାନା ପ୍ରମାଣିତ କରିବାକୁ ସହଜ କରିବ । ସାଉଦି ଆରବରେ ପ୍ରତିବର୍ଷ ଓଟ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଓଟମାନଙ୍କୁ ସେମାନଙ୍କର ରୂପ, ଚାଲିବା ଏବଂ ଆକର୍ଷଣ ଆଧାରରେ ବିଚାର କରାଯାଇଥାଏ । ଓଟ ମାଲିକମାନେ ଏହି ପ୍ରତିଯୋଗିତାରେ ଲକ୍ଷ ଲକ୍ଷ ଡଲାର ଖର୍ଚ୍ଚ କରିଥାନ୍ତି । ଓଟ ମାଲିକଙ୍କ ଅଧିକାରକୁ ମଧ୍ୟ ସୁରକ୍ଷା ଦେବ ଓ ବେଆଇନ ବାଣିଜ୍ୟକୁ ରୋକିବାରେ ସାହାଯ୍ୟ କରିବ । ସାଉଦି ସରକାରଙ୍କ ଆକଳନ ଅନୁଯାୟୀ, ୨୦୨୪ ମସିହାରେ ଦେଶରେ ପ୍ରାୟ ୨୨ ଲକ୍ଷ ଓଟ ରହିଥିଲେ । ଏହି ସଂଖ୍ୟା ବିଶ୍ୱର ଅନେକ ଦେଶର ମୋଟ ପ୍ରାଣୀ ସଂଖ୍ୟାକୁ ଅତିକ୍ରମ କରିଛି। ସାଉଦି ଆରବରେ, ଓଟ କେବଳ ପ୍ରାଣୀ ନୁହେଁ, ବରଂ ଗର୍ବର ପ୍ରତୀକ । ଓଟ ପାଳନ ଏକ

## ଭାରତ ଓ ରୁଷ ମଧ୍ୟରେ ଖୋଲିବ ନୂଆ ସମୁଦ୍ର ପଥ

**ନୂଆଦିଲ୍ଲୀ,୫।୨(ଏଜେନ୍ସି):** ରୁଷ ଓ ଭାରତ ମଧ୍ୟରେ ବାଣିଜ୍ୟକୁ ସୁଗମ ଏବଂ ତ୍ୱରାନ୍ୱିତ କରିବା ପାଇଁ ଏକ ନୂତନ ସମୁଦ୍ର ପଥ ବିକଶିତ କରାଯାଉଛି। ଏହାକୁ ଚେନ୍ନାଇ-ଭ୍ଲାଡିଭୋଷ୍ଟକ୍ ସାମୁଦ୍ରିକ କରିଡର କୁହାଯାଉଛି। ଏହି ମାର୍ଗ ଦକ୍ଷିଣ ଭାରତର ଚେନ୍ନାଇ ବନ୍ଦରକୁ ରୁଷର ଦୂର ପୂର୍ବ ସହର ଭ୍ଲାଡିଭୋଷ୍ଟକ୍ ସହିତ ସଂଯୋଗ କରିବ । ଏହି କରିଡର ଖୋଲିବା ଦ୍ୱାରା ଦୁଇ ଦେଶ ମଧ୍ୟରେ ସାମଗ୍ରୀ ପରିବହନ ପାଇଁ ଲାଗୁଥିବା ସମୟ ହ୍ରାସ ପାଇବ । ବର୍ତ୍ତମାନ, ଭାରତରୁ ରୁଷକୁ ସମୁଦ୍ର ପଥରେ ସାମଗ୍ରୀ ପରିବହନ କରିବାକୁ ୪୦ ଦିନ କିମ୍ବା ତା'ଠାରୁ ଅଧିକ ସମୟ ଲାଗୁଛି । ନୂତନ ଚେନ୍ନାଇ-ଭ୍ଲାଡିଭୋଷ୍ଟକ୍ କରିଡର ଏହି ସମୟକୁ ପ୍ରାୟ ୨୪ ଦିନକୁ ହ୍ରାସ କରିପାରିବ ବୋଲି କୁହାଯାଉଛି । ଏହାର ଅର୍ଥ ହେଉଛି ପୂର୍ବ ଅପେକ୍ଷା ପ୍ରାୟ ଦୁଇ ସପ୍ତାହ ଶୀଘ୍ର ସାମଗ୍ରୀ ପରିବହନ ହୋଇପାରିବ । ଏହା ବାଣିଜ୍ୟ କମ୍ପାନିଗୁଡ଼ିକୁ ଯଥେଷ୍ଟ ଲାଭ ଦେବୟ ସାମଗ୍ରୀଗୁଡ଼ିକ କମ୍ ସମୟ ପାଇଁ ଗୋଦାମରେ ରହିବ, ଯାହା ଫଳରେ ସଂରକ୍ଷଣ ଖର୍ଚ୍ଚ ହ୍ରାସ ପାଇବ । ଚେନ୍ନାଇରେ ରୁଷ କନସଲ ଜେନେରାଲ ଭାଲେରି ଖୋଡଜାଏଭ କହିଛନ୍ତି ଯେ, ଏହି ସମୁଦ୍ର କରିଡର ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ । ଯେ ରୁଷ ଏହି ମାର୍ଗକୁ କାର୍ଯ୍ୟକ୍ଷମ କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି ।

## ନାଇଜେରିଆ ନରସଂହାର

# ଦୁଇ ଗାଁରେ ରକ୍ତର ନଦୀ ବୁହାଇଲେ ମୌଳବାଦୀ, ୧୬୨ମୃତ

**ନୂଆଦିଲ୍ଲୀ,୫।୨(ଏଜେନ୍ସି):** ପଶ୍ଚିମ ନାଇଜେରିଆର ଦୁଇଟି ଗାଁରେ ସଶସ୍ତ୍ର ଉଗ୍ରବାଦୀମାନେ ଆକ୍ରମଣ କରି ୧୬୨ ଜଣଙ୍କୁ ନିର୍ମମ ଭାବରେ ହତ୍ୟା କରି ରକ୍ତର ନଦୀ ବୁହାଇଛନ୍ତି । ଫଳରେ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳିଯାଇଛି । ସୁରକ୍ଷା ସଙ୍କଟ ଆହୁରି ଘନିଭୂତ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ କ୍ୱାରା ରାଜ୍ୟର ୱୋରୋ ଓ ନୁକୁ ଗ୍ରାମକୁ ଟାର୍ଗେଟ କରାଯାଇଥିଲା । ଅଞ୍ଚଳର ପ୍ରତିନିଧିତ୍ୱ କରୁଥିବା ସାଂସଦ ମହମ୍ମଦ ଓମାର ବାୟୋ କହିଛନ୍ତି,ଆକ୍ରମଣ ଇସଲାମିକ୍ ଷ୍ଟେଟ୍ ସହ ଜଡିତ ସଶସ୍ତ୍ର ଗୋଷ୍ଠୀ ଲାକୁରାୱା ଦ୍ୱାରା କରାଯାଇଥିଲା । ସାମ୍ପ୍ରତିକ ମାସ ମଧ୍ୟରେ ନାଇଜେରିଆର ଗ୍ରାମଗୁଡ଼ିକ ଉପରେ ହୋଇଥିବା ସବୁଠାରୁ ଭୟଙ୍କର ଆକ୍ରମଣ ମଧ୍ୟରୁ ଏହା ଗୋଟିଏ ବୋଲି ସେ କହିଛନ୍ତିଭ । ଙ୍କର ହତ୍ୟାକାଣ୍ଡ ପରେ, ଗାଁ ସାରା ମୃତଦେହ ପଡ଼ି ରହିଥିଲା । କ୍ୱାରା ରାଜ୍ୟ ରେଡକ୍ରସ ସଚିବ ଆୟୋଡେଜି ଇମାନୁଏଲ ବାବାଓମୋ କହିଛନ୍ତି ଯେ ସଂଗଠନ ଏପର୍ଯ୍ୟନ୍ତ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ପହଞ୍ଚିପାରିନାହିଁ କାରଣ ସେଗୁଡ଼ିକ ଅତ୍ୟନ୍ତ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ । ଏହି ଅଞ୍ଚଳ ରାଜ୍ୟ ରାଜଧାନୀରୁ ପ୍ରାୟ ଆଠ ଘଣ୍ଟା ଦୂରରେ ଓ ନାଇଜେରିଆ-ବେନିନ୍ ସୀମା ନିକଟରେ ଅବସ୍ଥିତ । ସ୍ଥାନୀୟ ଟିଭି ଚ୍ୟାନେଲରେ ପ୍ରଦର୍ଶିତ ଫୁଟେଜରେ ରକ୍ତାକ୍ତ ମୃତଦେହ ହାତ ବନ୍ଧା ହୋଇ ପଡ଼ିଥିବା ଦେଖିବାକୁ ମିଳୁଛି । ଘରଗୁଡ଼ିକ ଜଳୁଥିବା ମଧ୍ୟ ଦେଖାଯାଇଛି । କ୍ୱାରା ରାଜ୍ୟର ରାଜ୍ୟପାଳ ଅବଦୁଲରହମାନ ଅବଦୁଲରାଜାକ ଏହି ଆକ୍ରମଣକୁ ଆତଙ୍କବାଦୀ ଉଗ୍ରବାଦୀ ଗୋଷ୍ଠୀଗୁଡ଼ିକର ହତାଶାର ପରିଣାମ ଓ ସଶସ୍ତ୍ର ଆତଙ୍କବାଦୀଙ୍କ ବିରୋଧରେ ଚାଲିଥିବା ସାମରିକ ଅଭିଯାନର ଜବାବରେ ହୋଇଥିବା ଏକ କାପୁରୁଷ ଆକ୍ରମଣ ବୋଲି ବର୍ଣ୍ଣନା କରିଛନ୍ତି। ପ୍ରତିଶୋଧ ନେବା ପାଇଁ ଆକ୍ରମଣ ହୋଇଥିବା ସେ କହିଛନ୍ତି । ସୂଚନାଯୋଗ୍ୟ,ନାଇଜେରିଆ ବର୍ତ୍ତମାନ ଏକ ଗମ୍ଭୀର ସୁରକ୍ଷା ସଙ୍କଟ ସହିତ ସଂଘର୍ଷ କରୁଛି । ଉତ୍ତର-ପୂର୍ବରେ ଇସଲାମିକ ଆତଙ୍କବାଦୀଙ୍କ ଦ୍ୱାରା ବିଦ୍ରୋହ ଜାରି ରହିଥିବା ବେଳେ, ଉତ୍ତର-ପଶ୍ଚିମ ଓ ଉତ୍ତର-କେନ୍ଦ୍ରୀୟ ଅଞ୍ଚଳରେ ଅପହରଣ ଘଟଣା ବୃଦ୍ଧି ପାଇବାରେ ଲାଗିଛି । ଏହି ସମୟରେ, ଉତ୍ତର-ପଶ୍ଚିମ ରାଜ୍ୟ କାଟସିନାର ଡୋମା ଗାଁରେ ଏକ ପୃଥକ ଘଟଣାରେ, ଅଜ୍ଞାତ ବନ୍ଧୁକଧାରୀମାନେ ୧୩ ଜଣଙ୍କୁ ହତ୍ୟା କରିଛନ୍ତି ବୋଲି ପୁଲିସ ମୁଖପାତ୍ର ଆବୁବାକର ସାଦିକ ଆଲିୟୁ କହିଛନ୍ତି ।

# ସୁପ୍ରିମକୋର୍ଟରୁ ଅନୁରାଗ ଠାକୁରଙ୍କୁ ଆଶ୍ୱସ୍ତି

**ନୂଆଦିଲ୍ଲୀ,୫।୨(ଏଜେନ୍ସି):** ବିଜେପି ସାଂସଦ ତଥା ପୂର୍ବତନ ବିସିସିଆଇ ସଭାପତି ଅନୁରାଗ ଠାକୁରଙ୍କୁ ସୁପ୍ରିମକୋର୍ଟରୁ ଏକ ବଡ଼ ଆଶ୍ୱସ୍ତି ମିଳିଛି । ଏଣିକି ସେ ପୁଣି ଥରେ ବିସିସିଆଇକୁ ଫେରିପାରିବେ ଓ କ୍ରିକେଟ୍ ପରିଚାଳନା ବ୍ୟାପାରର ସଂପୃକ୍ତ ହୋଇପାରିବେ ବୋଲି କୋର୍ଟ ଅନୁମତି ଦେଇଛନ୍ତି । ୨୦୧୭ରେ ସୁପ୍ରିମକୋର୍ଟ ଏକ ରାୟ ଦେଇ ଅନୁରାଗଙ୍କୁ ବିସିସିଆଇର ବ୍ୟାପାରରୁ ଦୂରେଇ ରହିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିଷେଧାଜ୍ଞା ହଟାଇବାକୁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଗୁରୁବାର ମୁଖ୍ୟ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲା ବାଗଚୀ ସୁପ୍ରିମକୋର୍ଟଙ୍କ ପୂର୍ବ ରାୟକୁ ବଦଳାଇବା ସହ ଅନୁରାଗଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି।୨୦୧୬ ଜୁଲାଇ ୧୮ରେ ସୁପ୍ରିମକୋର୍ଟ ଏକ ରାୟ ପ୍ରଦାନ କରି ଲୋଧା କମିଟି ସଂସ୍କାର ଲାଗୁ କରିବା ସହ ବିସିସିଆଇରେ ଜଣେ ସିଏଜି ନୋମିନିଙ୍କୁ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ପରେ ସୁପ୍ରିମକୋର୍ଟ ଜାଣିବାକୁ ପାଇଥିଲେ ଯେ ଅନୁରାଗ ଆଇସିସିକୁ ପତ୍ର ଲେଖି ସଂସ୍କାର ପ୍ରକ୍ରିୟାକୁ ବିରୋଧ କରିବାକୁ ଚାପ ପକାଉଥିଲେ । ଏହି ସଂସ୍କାର କ୍ରୀଡା ବ୍ୟାପାରରେ ସରକାରଙ୍କ ହସ୍ତକ୍ଷେପ ବୋଲି ଦର୍ଶାଇ ଆଇସିସି ବିରୋଧ କରୁ ବୋଲି ସେ ତତକାଳୀନ ଆଇସିସି ମୁଖ୍ୟ ଶଶାଙ୍କ ମନୋହରଙ୍କୁ ପତ୍ର ଲେଖିଥିଲେ । ଏହା ଜଣାପଡ଼ିବା ପରେ ସୁପ୍ରିମକୋର୍ଟ କ୍ଷୁବ୍ଧ ହେବା ସହ ଅନୁରାଗଙ୍କୁ ବିସିସିଆଇରୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ତାଙ୍କ ବିରୋଧରେ ଅଦାଲତ ଅବମାନା ମାମଲା ରୁଜୁ ହୋଇଥିଲେ ।

# ଫିଲିପାଇନ୍ସରେ ଭୟଙ୍କର ଅଗ୍ନିକାଣ୍ଡ

**ନୂଆଦିଲ୍ଲୀ,୫।୨(ଏଜେନ୍ସି):** ଦକ୍ଷିଣ ଫିଲିପାଇନ୍ସର ଏକ ଛୋଟ ଦ୍ୱୀପରେ ଘଟିଛି ଭୟଙ୍କର ଅଗ୍ନିକାଣ୍ଡ, ଏହି ଅଗ୍ନିକାଣ୍ଡରେ ହଜାର ହଜାର ଲୋକ ବାସହୀନ ହୋଇଯାଇଛନ୍ତି। ସରକାରୀ ଖବର ଅନୁଯାୟୀ, ବୁଧବାର ରାତି ପ୍ରାୟ ୧୦ଟା ସମୟରେ ବାରଙ୍ଗାୟ ଲାମିଅନରେ ଅଗ୍ନିକାଣ୍ଡ ଘଟିଥିଲା ଏବଂ ପ୍ରାୟ ଚାରି ଘଣ୍ଟା ଧରି ନିଆଁ ଜଳିଥିଲା । ଏହି ଭୟଙ୍କର ନିଆଁ ପ୍ରାୟ ଏକ ହଜାର ଘରକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି । ଏଠାରେ ଘରଗୁଡ଼ିକ କାଠ ଖୁମ୍ବ ଉପରେ ନିର୍ମିତ ତେଣୁ ପ୍ରବଳ ପବନ ଯୋଗୁଁ ନିଆଁ ଦ୍ରୁତ ଗତିରେ ବ୍ୟାପିଥିଲା ଓ ସମ୍ପୂର୍ଣ୍ଣ ଜନବସତିକୁ ଛାରଖାର କରିଦେଲା । ରିପୋର୍ଟ ଅନୁଯାୟୀ, ନିଆଁର ଭୟାବହତା ଏତେ ତୀବ୍ର ଥିଲା ଯେ ଏଥିରୁ ଲୋକଙ୍କୁ ରକ୍ଷା କରିବା ପାଇଁ ସ୍ଥଳ ଏବଂ ସମୁଦ୍ର ପଥରେ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏଥିରେ ୫,୦୦୦ ରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା ଏବଂ ବର୍ତ୍ତମାନ ସେମାନଙ୍କୁ ଦୁଇଟି ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରଖାଯାଇଛି । ବୁଧବାର ଦିନ, ବୋଙ୍ଗାଓ ସ୍ଥାନୀୟ ପ୍ରଶାସନ, ବଙ୍ଗସମୋରୋ ସାମାଜିକ ସେବା ଓ ବିକାଶ ମନ୍ତ୍ରଣାଳୟ ଏବଂ ପ୍ରାଦେଶିକ ସରକାରଙ୍କ ସହଯୋଗରେ, ପ୍ରାରମ୍ଭିକ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଛି। ବିସ୍ଥାପିତ ଲୋକଙ୍କ ଚିକିତ୍ସା ଆବଶ୍ୟକତା ପୂରଣ କରିବା ପାଇଁ ବୋଙ୍ଗାଓ ଗ୍ରାମୀଣ ସ୍ୱାସ୍ଥ୍ୟ ୟୁନିଟର ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ବୋଙ୍ଗାଓ ସିଟି ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟାଳୟ କହିଛି, ଏହି ଘଟଣାରେ କେହି ମୃତାହତ ହୋଇନାହାଁନ୍ତି, କିନ୍ତୁ ଅନେକ ପାଦଚଲା ପୋଲ କ୍ଷତିଗ୍ରସ୍ତ ହୋଇଛି, ଯାହା ଫଳରେ ଅଗ୍ନିନିର୍ବାପନ ଓ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି ।

# ଇରାନ ମହିଳାଙ୍କୁ ମିଳିବ ମୋଟରସାଇକେଲ ଲାଇସେନ୍ସ

**ନୂଆଦିଲ୍ଲୀ,୫।୨(ଏଜେନ୍ସି):** ଇରାନରେ ମହିଳାମାନଙ୍କ ସମ୍ପର୍କରେ ଏକ ବଡ଼ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ମହିଳାମାନେ ଏବେ ଆଇନଗତ ଭାବରେ ମୋଟରସାଇକେଲ ଡ୍ରାଇଭିଂ ଲାଇସେନ୍ସ ପାଇପାରିବେ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ନିଷ୍ପତ୍ତି ବର୍ଷ ବର୍ଷର ଆଇନଗତ ଅସ୍ପଷ୍ଟତାର ଅନ୍ତ ଘଟାଇଛି। ପୂର୍ବରୁ, ଆଇନ ସ୍ପଷ୍ଟ ଭାବରେ ମହିଳାମାନଙ୍କୁ ମୋଟରସାଇକେଲ କିମ୍ବା ସ୍କୁଟର ଚଲାଇବା ନିଷେଧ କରିନଥିଲା । କିନ୍ତୁ ଏହା ସତ୍ତ୍ୱେ ପ୍ରଶାସନ ସେମାନଙ୍କୁ ଲାଇସେନ୍ସ ପ୍ରଦାନ କରୁନଥିଲା। ଏଭଳି ପରିସ୍ଥିତି ମହିଳାମାନଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ କରାଉଥିଲା। ସଡ଼କ ଦୁର୍ଘଟଣାରେ ଆହତ ହେଲେ ମଧ୍ୟ, ସେମାନଙ୍କର ବୈଧ ଲାଇସେନ୍ସ ନଥିବାରୁ ସେମାନଙ୍କୁ ପ୍ରାୟତଃ ଦୋଷ ଦିଆଯାଉଥିଲା । ଏହି ନୂତନ ସରକାରୀ ନିଷ୍ପତ୍ତି ଏଭଳି ସମସ୍ୟାଗୁଡ଼ିକର ସମାଧାନ କରିବ ବୋଲି ଆଶା କରାଯାଉଛି । ଇରାନର ଉପରାଷ୍ଟ୍ରପତି ମହମ୍ମଦ ରେଜା ଆରେଫ ଏହି ପ୍ରସ୍ତାବରେ ସ୍ୱାକ୍ଷର କରିଛନ୍ତି। ଜାନୁଆରି ଶେଷ ଭାଗରେ ଇରାନର କ୍ୟାବିନେଟ ଏହି ପ୍ରସ୍ତାବକୁ ଅନୁମୋଦନ କରିଥିଲା । ସରକାରୀ ସମାଚାର ଏଜେନ୍ସି ଅନୁଯାୟୀ, ଏହା ଟ୍ରାଫିକ୍ ନିୟମକୁ ଅଧିକ ସ୍ପଷ୍ଟ ଏବଂ ସମାନ କରିବା ଲକ୍ଷ୍ୟ ରଖିଛି। ନୂତନ ନିୟମ ଅନୁଯାୟୀ, ଟ୍ରାଫିକ୍ ପୁଲିସକୁ ମହିଳାମାନଙ୍କୁ ମୋଟରସାଇକେଲ୍ ଚଲାଇବା ପାଇଁ ତାଲିମ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ପୁଲିସ ତତ୍ତ୍ୱାବଧାନରେ ପରୀକ୍ଷା କରାଯିବ ଏବଂ ସଫଳ ମହିଳାମାନଙ୍କୁ ସରକାରୀ ମୋଟରସାଇକେଲ୍ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରାଯିବ। ମହିଳାମାନଙ୍କୁ ମୋଟରସାଇକେଲ ଲାଇସେନ୍ସ ପ୍ରଦାନ କରିବାର ନିଷ୍ପତ୍ତିକୁ ଇରାନରେ ମହିଳା ଅଧିକାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଦେଖାଯାଉଛି । ଏହା ମହିଳାମାନଙ୍କୁ ଅଧିକ ସ୍ୱାଧୀନତା ପ୍ରଦାନ କରିବା ସହିତ ରାସ୍ତାରେ ସେମାନେ ସମ୍ମୁଖୀନ ହେଉଥିବା ଭେଦଭାବକୁ ମଧ୍ୟ ହ୍ରାସ କରିବ ବୋଲି ଆଶା କରାଯାଉଛି । କୁହାଯାଉଛି ଏହି ପଦକ୍ଷେପ ମହିଳାଙ୍କ ପାଇଁ ସମାନ ଅଧିକାର ଦିଗରେ ଏକ ସକାରାତ୍ମକ ସଙ୍କେତ । ଏହି ନିଷ୍ପତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ଇରାନରେ ଗତ କିଛି ମାସ ମଧ୍ୟରେ ବ୍ୟାପକ ବିରୋଧ ପ୍ରଦର୍ଶନ ହୋଇଥିଲା । ପ୍ରାରମ୍ଭରେ, ଏହି ପ୍ରତିବାଦଗୁଡ଼ିକ ମୁଦ୍ରାସ୍ଫୀତି ଏବଂ ଅର୍ଥନୈତିକ ସଙ୍କଟ ବିରୋଧରେ ଥିଲା, କିନ୍ତୁ ଧୀରେ ଧୀରେ ଏହା ସରକାର ବିରୋଧୀ ଆନ୍ଦୋଳନରେ ପରିଣତ ହୋଇଥିଲା ।

# କେରଳରୁ ପୁଳା ପୁଳା ବିସ୍ଫୋରକ ଜବତ

**ନୂଆଦିଲ୍ଲୀ,୫।୨(ଏଜେନ୍ସି):** କେରଳର ପାଲକ୍କଡ ସାଉଥ୍ ପୁଲିସ ହାତରେ ଲାଗିଛି ବିପୁଳ ବିସ୍ଫୋରକ ସାମଗ୍ରୀ । ଯାହାକୁ ତରଭୁଜ ପେଟିରେ ପ୍ୟାକ୍ କରି ଏକ ମିନି-ଲରିରେ ଚୋରା ଚାଲାଣ କରାଯାଉଥିଲା। ବୁଧବାର ରାତି ପ୍ରାୟ ୯ଟାରେ ପାଲକ୍କଡ ସରକାରୀ ମେଡିକାଲ କଲେଜ ନିକଟ ଯକ୍କାରା ସର୍ଭିସ ରୋଡରେ ଏହି ବିସ୍ଫୋରକଗୁଡ଼ିକୁ ଜବତ କରାଯାଇଛି। ଏହି ଘଟଣାରେ, ପୁଲିସ ଲରି ଡ୍ରାଇଭର ସେନ୍ଥିଲ କୁମାରଙ୍କୁ ଅଟକ ରଖିଛି, ଯିଏ ତାମିଲନାଡୁର ବାସିନ୍ଦା ବୋଲି ଜଣାପଡ଼ିଛି । ପୁଲିସ କହିବା ଅନୁଯାୟୀ, ସାଉଥ୍ ଇନ୍ସପେକ୍ଟର ବିପିନ କୁମାରଙ୍କ ଦ୍ୱାରା ମିଳିଥିବା ସୂଚନା ଆଧାରରେ ଏହି ଅପରେସନ୍ କରାଯାଇଥିଲା। ସୂଚନା ପାଇବା ପରେ, ପୁଲିସ କଡ଼ାକଡ଼ି ଭାବେ ସନ୍ଦିଗ୍ଧ ଯାନବାହାନର ଯାଞ୍ଚ ଆରମ୍ଭ କରିଥିଲା । ଏକ ମିନି-ଲରିକୁ ଅଟକାଇବାକୁ ଚେଷ୍ଟା କରାଯାଇଥିଲା, କିନ୍ତୁ ଡ୍ରାଇଭର ଗାଡ଼ିକୁ ଅଟକାଇନଥିଲା । ତା'ପରେ ପୁଲିସ ଲରିକୁ ପିଛା କରିଥିଲା ଓ ଶେଷରେ ସର୍ଭିସ ରୋଡରେ ଗାଡ଼ିକୁ ଅଟକାଇବାରେ ସଫଳ ହୋଇଥିଲା । ଯେତେବେଳେ ପୁଲିସ ଲରିକୁ ଯାଞ୍ଚ କରିଥିଲା ସେତେବେଳେ ଯାହା ସାମ୍ନାକୁ ଆସିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଲା । ଲରି ତଳେ ଶହେରୁ ଅଧିକ ବାକ୍ସ ଲୁଚାଯାଇଥିଲା, ଯାହା ତରଭୁଜରେ ପୂର୍ଣ୍ଣ ଦେଖାଯାଉଥିଲା, ଯେଉଁଥିରେ ପ୍ରାୟ ୧୮ ହଜାର ଜେଲେଟିନ୍ ଷ୍ଟିକ୍ ଏବଂ ୪ହଜାର ୮ଶହ ଡେଟୋନେଟର ରଖାଯାଇଥିଲା । ପୁଲିସର କହିବା ଅନୁସାରେ, ଏଗୁଡ଼ିକ ଅତ୍ୟନ୍ତ ବିପଜ୍ଜନକ ଓ ମହଙ୍ଗା ବିସ୍ଫୋରକ । ଏଗୁଡ଼ିକ ସାଧାରଣତଃ ଖଣି ଓ ପଥର ଭାଙ୍ଗିବା କାମରେ ବ୍ୟବହୃତ ହୁଏ । ସୁରକ୍ଷାକୁ ଧ୍ୟାନରେ ରଖି, ବିସ୍ଫୋରକଗୁଡ଼ିକୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରିବା ପାଇଁ ବମ୍ ସ୍କ୍ୱାଡ୍ କୁ ମଧ୍ୟ ଘଟଣାସ୍ଥଳକୁ ଡକାଯାଇଥିଲା ।

# ଭାରତ କାହାର ଚାପ ଆଗରେ ମୁଣ୍ଡ ନୁଆଁଇବ ନାହିଁ

**ନୂଆଦିଲ୍ଲୀ,୫।୨(ଏଜେନ୍ସି):** ଭାରତ ଏବଂ ଆମେରିକା ମଧ୍ୟରେ ଶୁଳ୍କ ଚୁକ୍ତିକୁ ନେଇ ଥିବା ଉତ୍ତେଜନା ଏବେ ପ୍ରାୟତଃ ହ୍ରାସ ପାଇଛି। କିଛି ଦିନ ପୂର୍ବରୁ ଏହି ଚୁକ୍ତିକୁ ନେଇ ବିବାଦ ଏକ ଉତ୍କଟ ସ୍ଥିତିରେ ପହଞ୍ଚିଥିଲା, ଯାହା ଫଳରେ ସମ୍ପର୍କରେ ତିକ୍ତତା ଆସିଥିଲା । ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଏତେ ଚରମ ସୀମାରେ ପହଞ୍ଚିଥିଲା ଯେ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ ଡୋଭାଲ ଆମେରିକା ଗସ୍ତ ସମୟରେ ବୈଦେଶିକ ସଚିବ ମାର୍କୋ ରୁବିଓଙ୍କୁ ଭର୍ତ୍ସନା କରିଥିଲେ । ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ବାଣିଜ୍ୟ ଚୁକ୍ତିର କିଛି ମାସ ପୂର୍ବରୁ, ଅଜିତ ଡୋଭାଲ ୱାସିଂଟନ ଗସ୍ତ ସମୟରେ ରୁବିଓଙ୍କୁ ସ୍ପଷ୍ଟ ଭାବରେ କହିଥିଲେ ଯେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକରେ ଭୟଭୀତ ହେବ ନାହିଁ । ସେ ଏପରି ମଧ୍ୟ କହିଥିଲେ ଯେ, ଯଦି ରାଷ୍ଟ୍ରପତି ଟ୍ରମ୍ପ ଶୁଳ୍କ ବିବାଦ ଉପରେ ହାର ମାନିବେ ନାହିଁ, ତେବେ ଆମେ ତାଙ୍କ କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବୁ । ଡୋଭାଲ ମାର୍କୋ ରୁବିଓଙ୍କୁ କହିଥିଲେ, ସେ ଦୁଇ ଦେଶ ମଧ୍ୟରେ ଥିବା ତିକ୍ତତାକୁ ପଛରେ ପକାଇ ଏକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ପୁଣି ଆରମ୍ଭ କରିବାକୁ ଚାହୁଁଛନ୍ତି । କିନ୍ତୁ ଭାରତ ରାଷ୍ଟ୍ରପତି ଟ୍ରମ୍ପ ଓ ତାଙ୍କର ଉଚ୍ଚସ୍ତରୀୟ ସହାୟକମାନଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇବ ନାହିଁ। ବ୍ଲୁମବର୍ଗ ଅନୁଯାୟୀ, ଡୋଭାଲ ରୁବିଓଙ୍କୁ ଏହା ମଧ୍ୟ କହିଥିଲେ ଯେ, ଭାରତ ଏକ ବାଣିଜ୍ୟ ଚୁକ୍ତିକୁ ଚୂଡ଼ାନ୍ତ କରିବା ପାଇଁ ଟ୍ରମ୍ପଙ୍କ କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଇଚ୍ଛୁକ । ସମ୍ପର୍କ ପୁଣି ଯୋଡ଼ିବା ପାଇଁ ଆମେରିକା ପ୍ରଶାସନ ସାଧାରଣ ସମାଲୋଚନାକୁ କମ୍ କରିବା ଜରୁରୀ ବୋଲି ଡୋଭାଲ କହିଥିଲେ। ଏହି ବୈଠକ ସେପ୍ଟେମ୍ବର ପ୍ରାରମ୍ଭରେ ଅନୁଷ୍ଠିତ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହିତ ଆଲୋଚନା ପରେ ଏହା ହୋଇଥିଲା । ଡୋଭାଲ ଓ ରୁବିଓଙ୍କ ମଧ୍ୟରେ ହୋଇଥିବା ବୈଠକର କିଛି ମାସ ପରେ, ଟ୍ରମ୍ପ କମ ଶୁଳ୍କ ଓ ବର୍ଦ୍ଧିତ ବଜାର ପ୍ରବେଶ ସହିତ ଏକ ନୂତନ ବାଣିଜ୍ୟ ଚୁକ୍ତି ଘୋଷଣା କରିଥିଲେ । ଚୁକ୍ତିନାମାରେ ଭାରତ ଉପରେ ଶୁଳ୍କ ହ୍ରାସ କରାଯାଇଥିଲା ।

## ଆସନ୍ତା ୭-୮ରେ ମାଲେସିଆ ଯିବେ ପ୍ରଧାନମନ୍ତ୍ରୀ ମୋଦୀ

**ନୂଆଦିଲ୍ଲୀ,୫।୨(ଏଜେନ୍ସି):** ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମଙ୍କ ନିମନ୍ତ୍ରଣକ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫେବୃଆରି ୭-୮ ତାରିଖରେ ମାଲେସିଆ ଗସ୍ତରେ ଯିବେ । ଏହା ମୋଦୀଙ୍କ ତୃତୀୟ ମାଲେସିଆ ଗସ୍ତ ହେବ । ଅଗଷ୍ଟ ୨୦୨୪ରେ ଭାରତ-ମାଲେସିଆ ସେମାନଙ୍କର ଦ୍ୱିପାକ୍ଷିକ ସମ୍ପର୍କକୁ ଏକ ବ୍ୟାପକ ରଣନୈତିକ ସହଭାଗିତାକୁ ଉନ୍ନୀତ କରିବା ପରଠାରୁ ଏହା ମୋଦୀଙ୍କ ପ୍ରଥମ ମାଲେସିଆ ଗସ୍ତ ହେବ । ଗସ୍ତ ସମୟରେ ମୋଦୀ ଏବଂ ଅନୱର ଇବ୍ରାହିମ ଭାରତ-ମାଲେସିଆ ସମ୍ପର୍କର ବିଭିନ୍ନ କ୍ଷେତ୍ରକୁ ନେଇ ଦ୍ୱିପାକ୍ଷିକ ଆଲୋଚନା କରିବାର କାର୍ଯ୍ୟକ୍ରମ ଅଛି । ମୋଦୀ ଏହିଗସ୍ତବେଳେ ମାଲେସିଆରେ ରହୁଥିବା ଭାରତୀୟ ସମୁଦାୟ ଲୋକ, ଶିଳ୍ପ ଓ ବ୍ୟବସାୟ ଜଗତର ପ୍ରତିନିଧିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ।

# ବିହାର ନିର୍ବାଚନ ପୁଣି ଥରେ ହେଉ

**ନୂଆଦିଲ୍ଲୀ,୫।୨(ଏଜେନ୍ସି):** ପ୍ରଶାନ୍ତ କିଶୋର(ପିକେ)ଙ୍କ ଦଳ ଜନସୁରାଜ ବିହାର ବିଧାନସଭା ନିର୍ବାଚନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି । ଏନେଇ ଦଳ ପକ୍ଷରୁ ଏକ ଆବେଦନ ଦାଖଲ କରାଯାଇଛି । ଆବେଦନରେ ବିଶେଷ ଭାବରେ ବିହାର ମୁଖ୍ୟମନ୍ତ୍ରୀ ମହିଳା ନିଯୁକ୍ତି ଯୋଜନାକୁ ଚ୍ୟାଲେଞ୍ଜ୍ କରାଯାଇଛି । ଅଭିଯୋଗ ହୋଇଛି ଯେ, ସରକାର ଆଦର୍ଶ ଆଚରଣ ସଂହିତା ସମୟରେ ୨୫ରୁ ୩୫ ଲକ୍ଷ ମହିଳାଙ୍କ ଆକାଉଣ୍ଟକୁ ୧୦ ହଜାର ଟଙ୍କା ପଠାଇଥିଲେ । ଏହା ସହିତ ଏହି ଯୋଜନାରେ ନୂତନ ହିତାଧିକାରୀଙ୍କୁ ମଧ୍ୟ ଯୋଡିଛନ୍ତି। ପିକେଙ୍କ ଦଳ କୋର୍ଟଙ୍କୁ ଅନୁରୋଧ କରିଛି ଯେ, ନିର୍ବାଚନକୁ ପ୍ରଭାବିତ କରୁଥିବା ମାଗଣା ଉପହାର ଏବଂ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଶାସକ ଦଳ ପାଇଁ ଛଅ ମାସର ସମୟସୀମା ଧାର୍ଯ୍ୟ କରିବାକୁ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ। ଜନସୁରାଜ ବିହାର ନିର୍ବାଚନରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଏକ ରିଟ୍ ପିଟିସନ୍ ଦାୟର କରିଛି । ଶୁକ୍ରବାର ଦିନ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଓ ବିଚାରପତି ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରିବେ । ଜନସୁରାଜ ଧାରା ୩୨ ଅନୁଯାୟୀ ଏହି ଆବେଦନ ଦାଖଲ କରିଛି। ଆଦର୍ଶ ଆଚରଣ ସଂହିତା କାର୍ଯ୍ୟକାରୀ ହୋଇଥିବାବେଳେ ମହିଳାଙ୍କ ଆକାଉଣ୍ଟକୁ ପାଣ୍ଠି ସ୍ଥାନାନ୍ତର ଏବଂ ନୂତନ ହିତାଧିକାରୀଙ୍କୁ ଯୋଡିବା ଘୋଷଣା ଭଳି ବେଆଇନ କାର୍ଯ୍ୟ କରାଯାଇଥିବା ଆବେଦନରେ କୁହାଯାଇଛି। ଏହା ସମ୍ବିଧାନର ଧାରା ୧୪, ୨୧, ୧୧୨, ୨୦୨ ଏବଂ ୩୨୪ ଉଲ୍ଲଂଘନ କରିଛି । ଜନସୁରାଜ ଆବେଦନରେ ଲୋକ ପ୍ରତିନିଧିତ୍ୱ ଆଇନର ଧାରା ୩୨୪ ଏବଂ ଧାରା ୧୨୩ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି । ଆବେଦନରେ ଏହା ମଧ୍ୟ ଅଭିଯୋଗ ହୋଇଛି ଯେ, ନିର୍ବାଚନର ଉଭୟ ପର୍ଯ୍ୟାୟରେ ଭୋଟ ଗ୍ରହଣ କେନ୍ଦ୍ରରେ ସ୍ୱୟଂ ସହାୟକ ଗୋଷ୍ଠୀ ଜୀବିକାର ୧.୮ ଲକ୍ଷ ମହିଳା ହିତାଧିକାରୀଙ୍କୁ ନିୟୋଜିତ କରିବା ବେଆଇନ । ସୁପ୍ରିମକୋର୍ଟଙ୍କ ଏକ ପୁରୁଣା ରାୟକୁ ଉଦ୍ଧୃତ କରି ଆବେଦନରେ କୁହାଯାଇଛି ବିହାର ନିର୍ବାଚନ ପୁନର୍ବାର କରାଯାଉ।

# ବନ୍ଦେ ଭାରତ ସ୍ଲିପର ଟ୍ରେନର ୨୬୦ ରେକ୍ ନିର୍ମାଣ ଯୋଜନା : ଅଶ୍ୱିନୀ ବୈଷ୍ଣବ



ନୂଆଦିଲ୍ଲୀ,୫।୨(ପିଆଇବି): ବନ୍ଦେ ଭାରତ ସ୍ଲିପର ପାଇଁ ନୂତନ ରୋଲିଂ ଷ୍ଟକର ବିକାଶ ପ୍ରକ୍ରିୟାରେ ବୈଷୟିକ ନବସୃଜନ, ରଣନୈତିକ ଯୋଜନା ଓ ଉତ୍ପାଦନ-ଏ ତିନୋଟିକୁ ଏକ ସାମଗ୍ରିକ ଆଭିମୁଖ୍ୟରେ ସମନ୍ୱୟ କରାଯିବା ଆବଶ୍ୟକ, ଯାହା ଯାତ୍ରୀମାନଙ୍କୁ ନିରାପଦ, ବିଶ୍ୱସନୀୟ ଓ ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବ। ଏହି ପ୍ରକ୍ରିୟାରେ ମୂଳ ଢାଞ୍ଚାର ବିକାଶ, ବ୍ୟାପକ ପରୀକ୍ଷଣ ଏବଂ ସଫଳ ପରୀକ୍ଷଣ ପରେ ସିରିଜ୍ ଉତ୍ପାଦନକୁ ଅନ୍ତର୍ଭୁକ୍ତ କରାଯାଇଛି।

ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଉତ୍ପାଦନ କାର୍ଯ୍ୟକ୍ରମ ଚେନ୍ନାଇର ବିଇଏମଏଲ ଏବଂ ଇଣ୍ଟିଗ୍ରାଲ କୋଚ୍ ଫ୍ୟାକ୍ଟ୍ରି ଏବଂ ଟେକ୍ନୋଲୋଜି ଅଂଶୀଦାରମାନଙ୍କ ଦ୍ୱାରା ମୂଳ ଢାଞ୍ଚାର ବିକାଶ, ପରୀକ୍ଷଣ ଏବଂ ସିରିଜ୍ ଉତ୍ପାଦନ ମାଧ୍ୟମରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହେଉଛି। ଚାହିଦା ଏବଂ ପରିଚାଳନା ପ୍ରସ୍ତୁତି ଆଧାରରେ ପର୍ଯ୍ୟାୟକ୍ରମେ ନିୟମିତ ଯାତ୍ରୀ ସେବାରେ ଏହି ଟ୍ରେନ୍ ସେଟଗୁଡ଼ିକୁ ସାମିଲ କରାଯିବ। ଉତ୍ପାଦନ ପାଇଁ ମୋଟ ୨୬୦ଟି ରେକ୍ ବିଶିଷ୍ଟ ବନ୍ଦେ ଭାରତ ସ୍ଲିପର ଟ୍ରେନ ସେଟର ଯୋଜନା କରାଯାଇଛି। ଯାତ୍ରୀଙ୍କ ଯାତ୍ରା ଅଭିଜ୍ଞତାକୁ ଉନ୍ନତ କରିବା ଏବଂ ନିରାପଦ ଓ ଆରାମଦାୟକ ଯାତ୍ରା ଦୃଷ୍ଟିରୁ ନୂତନ ମାନଦଣ୍ଡ ସ୍ଥାପନ କରିବା ପାଇଁ, ଏହି ଟ୍ରେନ୍ ସେଟଗୁଡ଼ିକରେ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟ ଏବଂ ଯାତ୍ରୀ ସୁବିଧା ସହିତ ଆଧୁନିକ କୋଚ୍ ପ୍ରଦାନ କରାଯାଇଛି। ଯେପରିକି: ଝଟ୍କା-ମୁକ୍ତ ଅର୍ଦ୍ଧ ସ୍ଥାୟୀ କପ୍ଲର୍ ଏବଂ ଆଣ୍ଟି କ୍ଲାଇମ୍ବର୍ କବଚ୍ ସହିତ ସଜ୍ଜିତ । ଘଣ୍ଟା ପ୍ରତି ୧୮୦/୧୬୦ କିଲୋମିଟର ର ବେଗ ପାଇଁ ଡିଜାଇନ୍/ପରିଚାଳନା ସହିତ ଉଚ୍ଚ ଆକ୍ସିଲିରେସନ । ଇ. ଏନ୍. ମାନ ଅନୁପାଳନ କରୁଥିବା କାର ବଡିର କ୍ରାସୱାର୍ଦି ଡିଜାଇନ୍ ।

ଅଗ୍ନି ନିରାପତ୍ତା ମାନର ଅନୁପାଳନ ପାଇଁ ପ୍ରତ୍ୟେକ କୋଚ୍‌ର ଶେଷରେ ଅଗ୍ନି ପ୍ରସ୍ଥାନ ଦ୍ୱାର ରହିଛି। ଉନ୍ନତ ଅଗ୍ନି ନିରାପତ୍ତା-ବୈଦ୍ୟୁତିକ କ୍ୟାବିନେଟ୍ ଏବଂ ଶୌଚାଳୟରେ ଏରୋସୋଲ୍ ଆଧାରିତ ଅଗ୍ନି ଚିହ୍ନଟ ଏବଂ ପ୍ରଶମନ ବ୍ୟବସ୍ଥା। ଶକ୍ତି ସଂରକ୍ଷଣ ପାଇଁ ରିଜେନରେଟିଭ୍ ବ୍ରେକିଂ ସିଷ୍ଟମ୍। ଯାତ୍ରୀ ଅଞ୍ଚଳ ଭିତରେ ସ୍ୱଚ୍ଛତାର ମାନରେ ଉନ୍ନତି ଆଣିବା ପାଇଁ ବାୟୁରୁ ୯୯% କ୍ଷତିକାରକ ଜୀବାଣୁକୁ ନିଷ୍କ୍ରିୟ କରିବା ପାଇଁ ସ୍ୱଦେଶୀ ଭାବରେ ବିକଶିତ ୟୁଭି-ସି ଲ୍ୟାମ୍ପ-ଆଧାରିତ ଜୀବାଣୁନାଶକ ପ୍ରଣାଳୀ ସହିତ ଶୀତତାପ ନିୟନ୍ତ୍ରିତ ୟୁନିଟ୍ ପ୍ରଦାନ କରାଯାଇଛି। କେନ୍ଦ୍ରୀୟ ନିୟନ୍ତ୍ରିତ ସ୍ୱୟଂଚାଳିତ ପ୍ଲଗ୍ ଡୋର୍ ଏବଂ ସମ୍ପୂର୍ଣ୍ଣ ସିଲ୍ ହୋଇଥିବା ବ୍ୟାପକ ଗ୍ୟାଙ୍ଗୱେ। ସମସ୍ତ କୋଚ୍‌ରେ ସିସିଟିଭି ବ୍ୟବସ୍ଥା ଜରୁରୀକାଳୀନ ପରିସ୍ଥିତିରେ ଯାତ୍ରୀ ଏବଂ ଟ୍ରେନ୍ ମ୍ୟାନେଜର/ ଲୋକୋ ପାଇଲଟଙ୍କ ମଧ୍ୟରେ ଯୋଗାଯୋଗ ପାଇଁ ଜରୁରୀକାଳୀନ ଟକ୍-ବ୍ୟାକ୍ ୟୁନିଟ୍। ଦିବ୍ୟାଙ୍ଗଜନ ଯାତ୍ରୀମାନଙ୍କ ପାଇଁ, ପ୍ରତ୍ୟେକ ପାର୍ଶ୍ୱରେ ଡ୍ରାଇଭିଂ ୱାଚରେ ସ୍ୱତନ୍ତ୍ର ଶୌଚାଳୟ ରହିଛି। ଏୟାର କଣ୍ଡିସନିଂ, ସେଲୁନ୍ ଲାଇଟିଂ ଆଦି ଭଳି ଯାତ୍ରୀ ସୁବିଧାର ଉନ୍ନତ ଅବସ୍ଥା ତଦାରଖ ପାଇଁ କେନ୍ଦ୍ରୀୟ କୋଚ୍ ମନିଟରିଂ ସିଷ୍ଟମ୍ ଉପର ବର୍ଥକୁ ଚଢିବାକୁ ସହଜ କରିବା ପାଇଁ ସ୍ୱତନ୍ତ୍ର ଭାବରେ ଡିଜାଇନ୍ ହୋଇଥିବା ସିଡି କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହି ସୂଚନା ପ୍ରଦାନ କରିଛନ୍ତି।

# ଆମେରିକା ସହ ରାଜିନାମାରୁ ଓଡିଶା ଲାଭବାନ ହେବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୨(ନି.ପ୍ର.): ଭାରତ ଓ ଆମେରିକା ମଧ୍ୟରେ ହେବାକୁ ଯାଉଥିବା ବାଣିଜ୍ୟ ରାଜିନାମାରୁ ଓଡିଶା ବିଶେଷ ଭାବେ ଉପକୃତ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେ ଜଣାଇଛନ୍ତି ଯେ ଏହା ରାଜ୍ୟର ସାମୁଦ୍ରିକ ଖାଦ୍ୟ ଅର୍ଥନୀତିକୁ ଆହୁରି ସୁଦୃ କରିବ। ଆମେରିକା ଶୁଳ୍କ କମ୍ କରିଥିବାରୁ ଓଡିଶାର ଚିଙ୍ଗୁଡି, ମାଛ ଓ ସାମୁଦ୍ରିକ ଖାଦ୍ୟର ଚାହିଦା ବିବ। ଏହାଦ୍ୱାରା ଉପକୂଳ ଅଞ୍ଚଳରେ ରହୁଥିବା ମତ୍ସ୍ୟଜୀବୀ ଓ ଚାଷୀଙ୍କ ଆୟରେ ବୃଦ୍ଧି ଘଟିବ।



ଓଡିଶା ଆଗାମୀ ଦିନରେ ନୀଳ ଅର୍ଥନୀତିର ଏକ ପ୍ରମୁଖ ହବ୍ ହେବ ବୋଲି ସେ କହିଛନ୍ତି।ଶୁଳ୍କ କୋହଳ ହେବାକୁ ଯାଉଥିବାରୁ ଓଡିଶାର ହସ୍ତତନ୍ତ ଓ ରେଡିମେଡ୍ ପୋଷାକ ରପ୍ତାନି ବିବ। ରାଜ୍ୟର ବୟନ କାରିଗରର ଯାଦୁ ବିଶ୍ୱବ୍ୟାପୀ ପହଞ୍ଚିପାରିବ। ରପ୍ତାନି ବିଲେ ବୁଣାକାର ଓ ହସ୍ତତନ୍ତ ଶିଳ୍ପୀଙ୍କ ରୋଜଗାରେ ଉନ୍ନତି ଘଟିବ। ବିଶ୍ୱ ବଜାରରେ ଓଡିଶାର ପାରମ୍ପରି ପୋଷାକ ନୂଆ ଟ୍ରେଣ୍ଡ୍ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଓଡିଶା ଚିଙ୍ଗୁଡି ରପ୍ତାନିର ଏକ ପ୍ରମୁଖ ରାଜ୍ୟ। ସିଂହଭାଗ ଚିଙ୍ଗୁଡି ଆମେରିକା ବଜାରକୁ ଯାଉଥିଲା। ଆମେରିକା ସରକାର ଶୁଳ୍କ ଲଗାଇବା ପରେ ଚିଙ୍ଗୁଡି ପ୍ରକ୍ରିୟାକରଣ ଶିଳ୍ପ, ଚିଙ୍ଗୁଡି ଚାଷୀଙ୍କ ରୋଜଗାର ପ୍ରତି ବିପଦ ସୃଷ୍ଟି ହୋଇଥିଲା। ରାଜ୍ୟରୁ ବର୍ଷକୁ ପ୍ରାୟ ୪୭୦୦ କୋଟି ଟଙ୍କାର ଚିଙ୍ଗୁଡି ରପ୍ତାନି କରାଯାଉଛି। ସେଥିରୁ ୨୦୦୦ କୋଟି ଟଙ୍କା ଆମେରିକାକୁ ପଠାଯାଉଥିଲା। ଆମେରିକା ଯାଉଥିବା ଚିଙ୍ଗୁଡି ମୁଖ୍ୟତଃ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଜିଲ୍ଲାରେ ଚାଷ କରାଯାଉଛି।

କିଛି ଦିନ ତଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସହ ହୋଇଥିବା ବାଣିଜ୍ୟ ରାଜିନାମା ସମ୍ପର୍କରେ ଘୋଷଣା କରିଥିଲେ। ଭାରତ ଉପରେ ଲଗାଯାଇଥିବା ୫୦ ପ୍ରତିଶତ ଶୁଳ୍କ ହ୍ରାସ କରି ୧୮ ପ୍ରତିଶତ କରାଯାଇଛି। ଗତବର୍ଷ ଅଗଷ୍ଟରେ ଭାରତ ଉପରେ ଆମେରିକା ଦୁଇ ପ୍ରକାରରେ ୫୦ ପ୍ରତିଶତ ଶୁଳ୍କ ଲଗାଇଥିଲା। ୨୫ ପ୍ରତିଶତକୁ ପାଲଟା ଶୁଳ୍କ ଆକାରରେ ଓ ରୁଷଠାରୁ ତେଲ କିଣୁଥିବାରୁ ଆଉ ୨୫ ପ୍ରତିଶତ ଶୁଳ୍କକୁ ଜରିମାନା ଭାବେ ଲଗାଇଥିଲା। ଦୁଇ ପକ୍ଷ ଏକାଧିକ ଆଲୋଚନା କରି ଏକ ବାଣିଜ୍ୟ ରାଜିନାମାରେ ପହଞ୍ଚିଛନ୍ତି। ଖୁବ୍‌ଶୀଘ୍ର ସେହି ରାଜିନାମା ସ୍ୱାକ୍ଷର ହେବାକୁ ଯାଉଛି।

# ଲାଇନଚ୍ୟୁତ କୋଚ୍‌ଗୁଡ଼ିକ ପୁନଃସ୍ଥାପନ, ଟ୍ରେନ୍ ଚଳାଚଳ ସ୍ୱାଭାବିକ

ଭୁବନେଶ୍ୱର,୫।୨(ନି.ପ୍ର.):ଆଜି ସକାଳ ସମୟ ୦୮:୫୧ ଘଟିକା ସମୟରେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ଜଖପୁରା ୟାର୍ଡ ସେକ୍ସନ ନିକଟରେ ଟ୍ରେନ୍ ନମ୍ବର ୨୨୬୧୧ ଚେନ୍ନାଇ-ନିୟୁ ଜଲପାଇଗୁଡ଼ି ଏକ୍ସପ୍ରେସ ଲାଇନଚ୍ୟୁତ ହେବା ପରେ ଦିବା ୧୩:୦୫ ଘଟିକା ସମୟରେ ପୁନଃ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା ।

ଏଠାରେ କହିରଖୁଛୁ ଯେ ଏସି ୨-ଟାୟାର କୋଚ୍‌କୁ ୧୩:୩୦ ସମୟରେ ପୁନଃସ୍ଥାପନ କରାଯାଇଥିଲା, ତା’ପରେ ପ୍ରଥମ ଜେନେରାଲ କୋଚ୍କୁ ୧୩:୫୦ ଘଟିକା ସମୟରେ ଏବଂ ଦ୍ୱିତୀୟ ଜେନେରାଲ କୋଚ୍କୁ ୧୪:୪୫ ଘଟିକା ସମୟରେ ପୁନଃସ୍ଥାପନ କରାଯାଇଥିଲା। ଏହା ପରେ ସମସ୍ତ ଆବଶ୍ୟକୀୟ ସୁରକ୍ଷା ଯାଞ୍ଚ କରାଯାଇଥିଲା।

ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ, ବରିଷ୍ଠ ଅଧିକାରୀମାନଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚି ପୁନରୁଦ୍ଧାର କାର୍ଯ୍ୟକୁ କଡ଼ାକଡ଼ି ତଦାରଖ କରିଥିଲେ।

ପୂର୍ବ ତଟ ରେଳପଥ ମଧ୍ୟ କର୍ତ୍ତବ୍ୟରତ ରେଳ ସୁରକ୍ଷା ବଳ କର୍ମଚାରୀଙ୍କ ଉଦାହରଣୀୟ ସତର୍କତା ଏବଂ ଉପସ୍ଥିତ ବୁଦ୍ଧିକୁ ମଧ୍ୟ ପ୍ରଶଂସା କରିଛି, ଯେଉଁମାନେ ଟ୍ରେନ୍‌ରୁ ଅସ୍ୱାଭାବିକ ଶବ୍ଦ ଏବଂ ଧୂଆଁ ଦେଖିଥିଲେ ଏବଂ ଲୋକୋ ପାଇଲଟ୍‌ଙ୍କୁ ଟ୍ରେନ୍ ଅଟକାଇବାକୁ ସତର୍କ କରିଥିଲେ। ସେମାନେ ଯାତ୍ରୀମାନଙ୍କୁ ଶାନ୍ତ ରହିବା ଏବଂ ହଠାତ୍ ଓହ୍ଲାଇ ନ ଯିବାକୁ ପରାମର୍ଶ ଦେଇ ଯାତ୍ରୀ ସୁରକ୍ଷାକୁ ଆହୁରି ସୁନିଶ୍ଚିତ କରିଥିଲେ, ଯାହା ଫଳରେ ଆତଙ୍କ ଏବଂ ସମ୍ଭାବ୍ୟ ମୃତାହତଙ୍କୁ ରୋକାଯାଇପାରିଲା। ସେମାନଙ୍କର ସମୟୋଚିତ ପଦକ୍ଷେପ ଏକ ବଡ଼ ଦୁର୍ଘଟଣାକୁ ଏଡାଇବା ଏବଂ ଦ୍ରୁତ ବିପର୍ଯ୍ୟୟ ପ୍ରତିକ୍ରିୟାକୁ ସହଜ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ପୂର୍ବତଟ ରେଳପଥ ଏହାର କର୍ମଚାରୀମାନଙ୍କ ସମନ୍ୱିତ ପ୍ରୟାସକୁ ପ୍ରଶଂସା କରିବା ସହିତ ଟ୍ରେନ ସେବାଗୁଡିକର ନିରାପଦ ଏବଂ ସମୟୋଚିତ ସ୍ୱାଭାବିକତା ସୁନିଶ୍ଚିତ କରିବାରେ ଯାତ୍ରୀମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଉଛି।

# ବନ୍ଦର ନଗରୀ ପାରାଦୀପକୁ ସବୁଜ ବିପ୍ଳବ ସୃଷ୍ଟି କରିବାକୁ ବନ୍ଦର ଅଧ୍ୟକ୍ଷଙ୍କ ପ୍ରୟାସ

ପାରାଦୀପ,୫।୨(ନି.ପ୍ର.):- ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ସ୍ଥାନୀୟ ଅଫିସର୍ସ କ୍ଲବ ପରିସରରେ ଗୁରୁବାର ଦିନ ଉଦଘାଟିତ ହୋଇଯାଇଛି କ୍ଷ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ, ଉପାଧ୍ୟକ୍ଷ ଟି.ଭେନୁ ଗୋପାଲ, ମୁଖ୍ୟ ଯନ୍ତ୍ରୀ ହିମାଂସୁ ଶେଖର ରାଉତଙ୍କ ସମେତ ବନ୍ଦରର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ପରିବେଶଗତ ସୁରକ୍ଷା ସହିତ ଶିଳ୍ପ ଅଭିବୃଦ୍ଧିକୁ ସମନ୍ୱିତ କରିବା ପାଇଁ ପାରାଦୀପ ବନ୍ଦରର ନିରନ୍ତର ପ୍ରୟାସ ଏବଂ ଭାରତର ଏକ ପ୍ରମୁଖ ସବୁଜ ବନ୍ଦର ଭାବରେ ପାରାଦୀପକୁ ବିକଶିତ କରିବାର ଦୃଷ୍ଟିକୋଣକୁ ପ୍ରତିଫଳିତ କରିଛି।



ଚଳିତ ବର୍ଷ ପ୍ରଦର୍ଶନୀରେ ଅଂଶଗ୍ରହଣରେ ଉଲ୍ଲେଖନୀୟ ବୃଦ୍ଧି ରେକର୍ଡ କରାଯାଇଛି, ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ୧୫୦ ରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଫୁଲ ଗଛ ପ୍ରଦର୍ଶନୀ ସ୍ଥାନ ପାଇଥିଲା , ଯାହା କର୍ମଚାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ସାହକୁ ଉଲ୍ଲେଖ କରିଛି। ପ୍ରଦର୍ଶନୀରେ ୪୮ଟି ପ୍ରତିଯୋଗିତା ବର୍ଗରେ ଫୁଲ, ଅଳଙ୍କାରିକ ଉଭିଦ, ବନସାଇ ଏବଂ ପନିପରିବାର ଏକ ପ୍ରଭାବଶାଳୀ ପରିସର ପ୍ରଦର୍ଶିତ ହୋଇଥିଲା। ବନ୍ଦର କର୍ମଚାରୀ, ଅନ୍ତେବାସୀ ଏବଂ ସ୍ଥାନୀୟ ଉଦ୍ୟାନ କୃଷି ଉତ୍ସାହୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ, ଯାହା ପରିଦର୍ଶକଙ୍କ ପାଇଁ ଏକ ଆକର୍ଷଣୀୟ ଏବଂ ରଙ୍ଗୀନ ଅଭିଜ୍ଞତା ସୃଷ୍ଟି କରିଥିଲା। ବହୁ ସଂଖ୍ୟାରେ ଜନସାଧାରଣ ପ୍ରଦର୍ଶନୀ ପରିଦର୍ଶନ କରି ଏହାର ପ୍ରଶଂସା କରିଥିଲେ ଏବଂ ସ୍ଥାୟୀ ଉଦ୍ୟାନ ପ୍ରଣାଳୀ ବିଷୟରେ ଅଭିଜ୍ଞତା ହାସଲ କରିଥିଲେ।

ଏହି ଉତ୍ସବର ଅଂଶ ସ୍ୱରୂପ, ଅଧ୍ୟକ୍ଷ ଏବଂ ବରିଷ୍ଠ ଅଧିକାରୀମାନେ ପୋର୍ଟ ଟାଉନସିପ୍ ରେ ବିକଶିତ ୨୪ଟି ସାଧାରଣ ଉଦ୍ୟାନ ପରିଦର୍ଶନ କରିଥିଲେ। ଏହି ଉଦ୍ୟାନଗୁଡ଼ିକ ସବୁଜ ସ୍ଥାନ ବୃଦ୍ଧି କରିବା ଏବଂ ଟାଉନସିପ୍ ବାସିନ୍ଦାଙ୍କ ଜୀବନର ମାନ ଉନ୍ନତ କରିବା ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରେ। ସୁରକ୍ଷିପ୍ତ ଉଦ୍ୟାନଗୁଡ଼ିକ ବନ୍ଦର ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ଋତୁକାଳୀନ ଉଭିଦ ଏବଂ ଭୂଦୃଶ୍ୟ ପଦକ୍ଷେପକୁ ପ୍ରଦର୍ଶିତ କରେ।

ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ହରନାଧ ବନ୍ଦରର ବ୍ୟାପକ ସବୁଜୀକରଣ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ କେନ୍ଦ୍ରୀୟ ମଧ୍ୟମା, ଗାଡ଼ି ରାସ୍ତା ଏବଂ ଟାଉନସିପ୍ ଅଞ୍ଚଳରେ ଗତ ଚାରି ବର୍ଷ ମଧ୍ୟରେ ପ୍ରାୟ ପାଞ୍ଚ ଲକ୍ଷ ଗଛ ଲଗାଯାଇଛି। ସେ ଆହୁରି ଘୋଷଣା କରିଥିଲେ ଯେ ପାରାଦୀପ ବନ୍ଦର ଚଳିତ ବର୍ଷ ଜୁନ୍-ଜୁଲାଇ ସୁଦ୍ଧା ଦଶ ଲକ୍ଷର ଏକ ବିଶାଳ ବୃକ୍ଷ ରୋପଣ ଅଭିଯାନ ହାତକୁ ନେବାକୁ ଲକ୍ଷ୍ୟ ରଖିଛି, ଏହା ଏକ ଐତିହାସିକ ସଫଳତା ଯାହା ପାରାଦୀପ ବନ୍ଦରକୁ ଏତେ ବ୍ୟାପକ ସବୁଜ କଭରେଜ୍ ହାସଲ କରିବାରେ ଭାରତର ପ୍ରଥମ ବନ୍ଦର ହେବ। ସେ ଆହୁରି ମଧ୍ୟ କହିଥିଲେ ଯେ ଷଣ୍ଢକୁଦ ରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ବିକଶିତ ସବୁଜ ବଳୟ କେବଳ ଏହି ଅଞ୍ଚଳର ଦୃଶ୍ୟ ଆକର୍ଷଣକୁ ବୃଦ୍ଧି କରେ ନାହିଁ ବରଂ ଘୂର୍ଣ୍ଣିଝଡ଼ ବିରୁଦ୍ଧରେ ଏକ ପ୍ରାକୃତିକ ପ୍ରତିବନ୍ଧକ ଭାବରେ କାର୍ଯ୍ୟ କରେ, ପରିବେଶଗତ ସ୍ଥିରତା ଏବଂ ସାମୁଦାୟିକ ସୁରକ୍ଷାକୁ ସୁଦୃଢ଼ କରେ।

ଅଫିସର୍ସ କ୍ଲବରେ ସନ୍ଧ୍ୟାରେ ଆୟୋଜିତ ଏକ ପୁରସ୍କାର ବଣ୍ଟନ ସମାରୋହ ସହିତ ଏହି ଉତ୍ସବ ଶେଷ ହୋଇଥିଲା, ଯେଉଁଠାରେ ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ ଏବଂ ଶ୍ରୀ ଟି. ଭେଣୁ ଗୋପାଳ ବିଭିନ୍ନ ବର୍ଗର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟ ଯନ୍ତ୍ରୀ ଶ୍ରୀ ରାଉତଙ୍କ ମାର୍ଗଦର୍ଶନରେ ବନ୍ଦର ନେତୃତ୍ୱ ସିଭିଲ୍ ଇଞ୍ଜିନିୟରିଂ ବିଭାଗ ଏବଂ ଉଦ୍ୟାନ କୃଷି ଦଳକୁ ଏହି କାର୍ଯ୍ୟକ୍ରମର ସଫଳତାର ସହିତ ଆୟୋଜନ ଏବଂ ବନ୍ଦରରେ ବ୍ୟାପକ ସବୁଜ ଭିତ୍ତିଭୂମି ବଜାୟ ରଖିବାରେ ସେମାନଙ୍କର ଉତ୍ସର୍ଗୀକୃତ ପ୍ରୟାସ ପାଇଁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ।

# ଜନଜାତିଙ୍କ ସଂଖ୍ୟା ଏବଂ ଓଡ଼ିଶାକୁ କେନ୍ଦ୍ରୀୟ ଅନୁଦାନ ତଥ୍ୟ ରଖିଲେ କେନ୍ଦ୍ର ମନ୍ତ୍ରୀ

ନୂଆଦିଲ୍ଲୀ,୫।୧ : ଆଜି ରାଜ୍ୟସଭା ସଦନରେ କେନ୍ଦ୍ର ମନ୍ତ୍ରୀ ଜୁଆଲ ଓରାମ ଏକ ବିବୃତ୍ତି ଉପସ୍ଥାପନ କରିଥିଲେ ଯେ, ୨୦୧୧ ଜନଗଣନା ଅନୁଯାୟୀ, ସର୍ବଶେଷ ଉପଲବ୍ଧ ତଥ୍ୟ ଅନୁସାରେ ଓଡ଼ିଶାରେ ବସବାସ କରୁଥିବା ଅନୁସୂଚିତ ଜନଜାତି (ଏସଟି)ଙ୍କ ମୋଟ ସଂଖ୍ୟା ୯୫,୯୦,୭୫୬। ଜନଜାତି ସମ୍ପ୍ରଦାୟର କଲ୍ୟାଣ ଏବଂ ବିକାଶ ପାଇଁ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ନିମ୍ନଲିଖିତ ଯୋଜନାରେ ଓଡ଼ିଶାକୁ କେନ୍ଦ୍ରୀୟ ଅନୁଦାନ ପ୍ରଦାନ କରାଯାଏ: ଧରତି ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ : ମାନ୍ୟବର ପ୍ରଧାନମନ୍ତ୍ରୀ ୨ ଅକ୍ଟୋବର, ୨୦୨୪ରେ ଧରତି ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ଆରମ୍ଭ କରିଥିଲେ। ଏହି ଅଭିଯାନରେ ୧୭ଟି ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ୨୫ଟି ହସ୍ତକ୍ଷେପ ଅନ୍ତର୍ଭୁକ୍ତ ଏବଂ ଏହାର ଲକ୍ଷ୍ୟ ହେଉଛି ୬୩,୮୪୩ଟି ଗ୍ରାମରେ ଭିତ୍ତିଭୂମି ଅଭାବକୁ ପୂରଣ କରିବା, ସ୍ୱାସ୍ଥ୍ୟ, ଶିକ୍ଷା, ଅଙ୍ଗନୱାଡି ସୁବିଧାର ଉନ୍ନତି ଆଣିବା ଏବଂ ୫ ବର୍ଷ ମଧ୍ୟରେ ୩୦ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ୫୪୯ ଜିଲ୍ଲା ଏବଂ ୨,୯୧୧ ବ୍ଲକ୍‌ରେ ୫ କୋଟିରୁ ଅଧିକ ଜନଜାତିଙ୍କୁ ଜୀବିକା ନିର୍ବାହର ସୁଯୋଗ ପ୍ରଦାନ କରିବା। ଏହି ଅଭିଯାନ ପାଇଁ ମୋଟ ବଜେଟ ବ୍ୟୟ ୭୯,୧୫୬ କୋଟି ଟଙ୍କା (କେନ୍ଦ୍ରୀୟ ଅଂଶ: ୫୬,୩୩୩ କୋଟି ଏବଂ ରାଜ୍ୟ ଅଂଶ: ୨୨,୮୨୩ କୋଟି) ରହିଛି। ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ (ପିଏମ୍- ଜନମନ): ସରକାର ୧୫ ନଭେମ୍ବର ୨୦୨୩ ରେ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ (ପିଏମ୍ - ଜନମନ) ଆରମ୍ଭ କରିଛନ୍ତି , ଯାହାକୁ ଜନଜାତି ଗୌରବ ଦିବସ ଭାବରେ ପାଳନ କରାଯାଏ। ପ୍ରାୟ ୨୪,୦୦୦ କୋଟି ଟଙ୍କାର ଆର୍ଥିକ ବ୍ୟୟବରାଦ ସହିତ ଏହି ମିଶନର ଲକ୍ଷ୍ୟ ହେଉଛି, ତିନି ବର୍ଷ ମଧ୍ୟରେ ପିଭିଟିଜି ପରିବାର ଏବଂ ବସତିଗୁଡ଼ିକୁ ମୌଳିକ ସୁବିଧା ଯୋଗାଇବା, ଯେଉଁଥିରେ ସୁରକ୍ଷିତ ଗୃହ, ସ୍ୱଚ୍ଛ ପାନୀୟ ଜଳ ଏବଂ ପରିମଳ, ଉନ୍ନତ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପୁଷ୍ଟିର ଉପଲବ୍ଧତା, ରାସ୍ତା ଏବଂ ଟେଲିକମ୍ ସଂଯୋଗ, ବିଦ୍ୟୁତ୍ ସଂଯୋଗ ନଥିବା ପରିବାରକୁ ବିଦ୍ୟୁତ୍ ସଂଯୋଗ ଏବଂ ସ୍ଥାୟୀ ଜୀବିକା ସୁଯୋଗ ଅନ୍ତର୍ଭୁକ୍ତ।

ପ୍ରଧାନମନ୍ତ୍ରୀ ଜନଜାତିବିକାଶ ମିଶନ (ପିଏମଜେଭିଏମ୍): ଜନଜାତିବ୍ୟାପାର ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀ ଜନଜାତିବିକାଶ ମିଶନ (ପିଏମଜେଭିଏମ୍) କାର୍ଯ୍ୟକାରୀ କରୁଛି, ଯାହା ଜନଜାତିଙ୍କ ଜୀବିକାକୁ ପ୍ରୋତ୍ସାହନ ଦେବା ପାଇଁ ପୂର୍ବରୁ ରହିଥିବା ଦୁଇଟି ଯୋଜନା, ଯଥା, ‘ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ମାଧ୍ୟମରେ ଲଘୁ ବନଜାତ ଦ୍ରବ୍ୟ (ଏମଏଫପି) ର ବିପଣନ ପାଇଁ ପଦ୍ଧତି ଏବଂ ଏମଏଫପି ପାଇଁ ମୂଲ୍ୟ ଶୃଙ୍ଖଳା ବିକାଶ’ ଏବଂ ‘ଆଦିବାସୀ ଉତ୍ପାଦ/ଉତ୍ପାଦନର ବିକାଶ ଏବଂ ବିପଣନ ପାଇଁ ସାଂସ୍ଥାଗତିକ ସହାୟତା’ ର ମିଶ୍ରଣ ମାଧ୍ୟମରେ ଡିଜାଇନ୍ କରାଯାଇଛି।ମନ୍ତ୍ରଣାଳୟ ଭାରତୀୟ ଆଦିବାସୀ ସମବାୟ ବିପଣନ ବିକାଶ ଫେଡେରେସନ (ଟ୍ରାଇଫେଡ) ମାଧ୍ୟମରେ ‘ପ୍ରଧାନମନ୍ତ୍ରୀ ଜନଜାତି ବିକାଶ ମିଶନ (ଏମଜେଭିଏମ୍)’ ଯୋଜନା କାର୍ଯ୍ୟକାରୀ କରୁଛି। ଏହାର ଉଦ୍ଦେଶ୍ୟ ହେଉଛି ପ୍ରକୃତିକ ସମ୍ପଦ, କୃଷି/ଲଘୁ ବନଜାତ ଦ୍ରବ୍ୟ (ଏମଏଫପି)/ ଅଣକୃଷି ଉତ୍ପାଦର ଅଧିକ ଦକ୍ଷ, ସମାନ, ସ୍ୱ-ପରିଚାଳିତ ଏବଂ ସର୍ବୋତ୍ତମ ବ୍ୟବହାରକୁ ପ୍ରୋତ୍ସାହିତ କରି ଜନଜାତି ଉଦ୍ୟୋଗୀ ପଦକ୍ଷେପଗୁଡ଼ିକୁ ସୁଦୃଢ଼ କରିବା ଏବଂ ଜୀବିକା ନିର୍ବାହର ସୁଯୋଗକୁ ସୁଗମ କରିବା। ଏହି ଯୋଜନା ଅଧୀନରେ, ରାଜ୍ୟ ସରକାରଙ୍କୁ ବନ ଧନ ବିକାଶ କେନ୍ଦ୍ର (ଭିଡିଭିକେଏସ୍) ସ୍ଥାପନ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଏ ଯାହା ଏମଏଫପି/ ଅଣ- ଏମଏଫପିଗୁଡ଼ିକର ମୂଲ୍ୟ ବୃଦ୍ଧି କାର୍ଯ୍ୟକଳାପର କେନ୍ଦ୍ର ।ଆଦିବାସୀ ଉପ-ଯୋଜନା ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ଯୋଜନା (ଏସସିଏ ରୁ ଟିଏସଏସ୍): ପୂର୍ବରୁ, ଜନଜାତି ବ୍ୟାପାର ମନ୍ତ୍ରଣାଳୟ ‘ଆଦିବାସୀ ଉପ-ଯୋଜନା ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା (ଏସସିଏ ରୁ ଟିଏସଏସ୍)’ ଯୋଜନା କାର୍ଯ୍ୟକାରୀ କରୁଥିଲା। ଐତିହାସିକ ଭାବରେ, ଏହି ଯୋଜନା ୧୯୭୭ -୭୮ ମସିହାରୁ ‘ଆଦିବାସୀ ଉପ-ଯୋଜନା ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା (ଏସସିଏ ରୁ ଟିଏସପି)’ ନାମକରଣ ସହିତ ଆରମ୍ଭ ହୋଇଥିଲା। ଯୋଜନା ଏବଂ ଅଣ-ଯୋଜନା ଖର୍ଚ୍ଚର ମିଶ୍ରଣ ପରେ, ୨୦୧୭ ମସିହାରେ ଯୋଜନାର ନାମ ‘ଆଦିବାସୀ ଉପ-ଯୋଜନା ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା (ଏସସିଏ ରୁ ଟିଏସଏସ୍)’ ରେ ପରିବର୍ତ୍ତନ କରାଯାଇଥିଲା। ଏହି ଯୋଜନା ଅଧୀନରେ, ଜନଜାତି ଜନସଂଖ୍ୟାକୁ ସୂଚିତ କରିଥିବା ରାଜ୍ୟ ସରକାରଙ୍କୁ ପାଣ୍ଠି ପ୍ରଦାନ କରାଯାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଦକ୍ଷତା ବିକାଶ, ନିଯୁକ୍ତି-ସହ-ଆୟ ସୃଷ୍ଟି, ଇତ୍ୟାଦି କ୍ଷେତ୍ରରେ ଥିବା ପାର୍ଥକ୍ୟକୁ ପୂରଣ କରିବା ପାଇଁ ଆଦିବାସୀ ଲୋକଙ୍କ ବିକାଶ ଏବଂ କଲ୍ୟାଣ ପାଇଁ ଏଥିରେ ଉତ୍ତର-ପୂର୍ବ ରାଜ୍ୟକୁ (ଏନଇ ରାଜ୍ୟ) ଅନ୍ତର୍ଭୁକ୍ତ କରାଯାଇଛି। ଏହି ଯୋଜନା ଏହା ସହିତ ଜଡିତ କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାରଙ୍କ ଯୋଜନାର ଏକ ଅତିରିକ୍ତ ଏବଂ ପରିପୂରକ ଯୋଜନା ଭାବରେ ଜନଜାତି ଲୋକଙ୍କର ଏବଂ ଜନଜାତି ବହୁଳ ଅଞ୍ଚଳର ସାମଗ୍ରିକ ବିକାଶ ଏବଂ କଲ୍ୟାଣରେ ଏକ ଉତପ୍ରେରକ ଭୂମିକା ଗ୍ରହଣ କରିଛି। ରାଜ୍ୟ ସରକାରଙ୍କ ସକ୍ରିୟ ଏବଂ ପ୍ରତିକ୍ରିୟାଶୀଳ ସମର୍ଥନ ସହିତ, ଜନଜାତି ବ୍ୟାପାର ମନ୍ତ୍ରଣାଳୟ ୨୦୧୪ - ୧୫ ମସିହାରୁ ଯୋଜନାର ଆବଣ୍ଟିତ ବଜେଟକୁ ସମ୍ପୂର୍ଣ୍ଣ ଉପଯୋଗ କରିବାରେ ସକ୍ଷମ ହୋଇଛି।

# ଜିନ୍ଦଲ ଷ୍ଟିଲ୍ ପ୍ରିମିୟର ଲିଗ୍-୩ ଉଦଯାପିତ : ଟିମ୍ ଜଗରନଟ୍ସ ଚାମ୍ପିୟନ୍

ଅନୁଗୁଳ,୫।୨: ଜିନ୍ଦଲ ଷ୍ଟିଲ ପ୍ରିମିୟର ଲିଗ-୩ୟରେ ଟିମ୍ ଏକ୍ସଟ୍ରିମ୍ ଷ୍ଟିଲ୍କୁ ପରାସ୍ତ କରି ଟିମ୍ ଜଗରନଟ୍ସ ଦଳ ଚାମ୍ପିୟନ୍ ହୋଇଛି । ଏହି ଆନ୍ତଃବିଭାଗୀୟ କ୍ରିକେଟ୍ ଟୁର୍ନାମେଣ୍ଟରେ ଗତକାଲି ସନ୍ଧ୍ୟାରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଏକ ରୋମାଞ୍ଚକର ଲଢେଇ ଦେଖିବାକୁ ମିଳିଥିଲା । ଜିନ୍ଦଲ ଷ୍ଟିଲ୍ ଅନୁଗୁଳର ବିଭିନ୍ନ ବିଭାଗର ମୋଟ ୪୨ଟି ଦଳକୁ ନେଇ ହୋଇଥିବା ଏହି ଟୁର୍ଣ୍ଣମେଂଟରେ ପ୍ରତିଟି ଦଳ ଟିମ୍ ୱାର୍କ ଏବଂ ପ୍ରତିଯୋଗିତାମୂଳକ ମନୋଭାବ ପ୍ରଦର୍ଶନ କରିଥିଲେ।୨୩ ଜାନୁୟାରୀରୁ ୪ ଫେବୃୟାରୀ ପର୍ଯ୍ୟନ୍ତ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଟିମ୍ ଏକ୍ସଟ୍ରିମ୍ ଷ୍ଟିଲ୍ ଏବଂ ଟିମ୍ ଜଗରନଟ୍ସ ମୁହାଁମୁହିଁ ହୋଇଥିଲେ । ପ୍ରଥମେ ବ୍ୟାଟିଂ କରିଥିବା ଜଗରନଟ୍ସ ଦଳ ପ୍ରତିପକ୍ଷ ଏକ୍ସଟ୍ରିମ୍ ଷ୍ଟିଲ୍ ଦଳ ଆଗରେ ୧୨୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା।



ଜବାବରେ ଏକ୍ସଟ୍ରିମ୍ ଷ୍ଟିଲ୍ ୮ ୱିକେଟ୍ ହରାଇ ମାତ୍ର ୧୦୮ ରନ କରିବାରେ ସମର୍ଥ ହୋଇଥିଲା । ଫଳରେ ଜଗରନଟ୍ସ ୧୫ ରନରେ ବିଜୟୀ ହେବା ସହ ଟ୍ରଫି ହାସଲ କରିଛି ।

ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଅନୁଗୁଳ ୟୁନିଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିର୍ଦ୍ଦେଶକ ପଙ୍କଜ ମାଲହାନ ଏବଂ ଆଇରନ୍ ଜୋନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଦାମୋଦର ମିତ୍ତଲ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ସେମାନଙ୍କର ପ୍ରଭାବଶାଳୀ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇବା ସହ ଟ୍ରଫି ପ୍ରଦାନ କରିଥିଲେ । ଉଭୟ ଅତିଥି ଏହି ଅବସରରେ ଫିଟନେସ୍, ଶୃଙ୍ଖଳା ଏବଂ ସାମୂହିକ ଦଳଗତ କାର୍ଯ୍ୟକୁ ବୃଦ୍ଧି କରିବାରେ କ୍ରୀଡାର ଭୂମିକା ଉପରେ ଆଲୋକପାତ କରିଥିଲେ।

ଜଗରନଟ୍ସ ଦଳର ଚିନ୍ମୟ ସାହୁ (ମ୍ୟାନ୍ ଅଫ୍ ଦି ମ୍ୟାଚ୍), ଆଦିତ୍ୟ ନାରାୟଣ (ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍) ଏବଂ ସରୋଜ ଗଡନାୟକ (ଶ୍ରେଷ୍ଠ ଅଲରାଉଣ୍ଡର)ଙ୍କୁ ବ୍ୟକ୍ତିଗତ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଏକ୍ସଟ୍ରିମ୍ ଷ୍ଟିଲ୍ ଦଳର ଅମିତ୍ ସାହଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଏବଂ ସୌମ୍ୟକାନ୍ତ ନାୟକଙ୍କୁ ଶ୍ରେଷ୍ଠ ବୋଲର ଭାବରେ ବ୍ୟକ୍ତିଗତ ପୁରସ୍କାର ପ୍ରଦାନ କରାଯାଇଥିଲା ।

୨୩ ଜାନୁୟାରୀରେ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସ୍ୱତନ୍ତ୍ର ପ୍ରକଳ୍ପ) ଶ୍ରୀ ହୃଦୟେଶ୍ୱର ଝା ଏବଂ ସମ୍ମାନିତ ଅତିଥି ଭାବରେ ପରାମର୍ଶଦାତା (ଆଇରନ୍ ଜୋନ) ବିଜୁ ନାୟାର ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ।

ସେହିପରି ମହିଳା କର୍ମୀ ଏବଂ ଗୃହିଣୀମାନଙ୍କ ମଧ୍ୟରେ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ମଧ୍ୟ ଆୟୋଜନ କରାଯାଇଥିଲା। ଏହି ଅବସରରେ ଜିନ୍ଦଲ ମହିଳା ସମିତିର ଅଧ୍ୟକ୍ଷା ସୀମା ମାଲହାନ ଏବଂ ଅନିତା ମିତ୍ତଲ ଯୋଗ ଦେଇ ମହିଳା ଖେଳାଳିମାନଙ୍କୁ ଉତ୍ସାହିତ ଏବଂ ସମର୍ଥନ କରିଥିଲେ। ପରିଚାଳନା କମିଟିର ବରିଷ୍ଠ ସଦସ୍ୟଙ୍କ ତତ୍ତ୍ୱାବଧାନରେ ଏହି ସଂପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟର ସଠିକ ଓ ସଫଳ ପରିଚାଳନା କରାଯାଇଥିଲା ।

# ଓୟୁଟିଆରରେ ଇଞ୍ଜିନିୟର୍ସ କପ୍ : ସୋଆର ସଫଳତା

ଭୁବନେଶ୍ୱର,୫।୨(ନି.ପ୍ର.): ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର) ପକ୍ଷରୁ ଆୟୋଜିତ ଇଞ୍ଜିନିୟର୍ସ କପ୍ ୨୦୨୬ରେ ସଫଳତା ହାତେଇଛି ସୋଆ। ଓୟୁଟିଆର ବିଶ୍ୱବିଦ୍ୟାଳୟର ଏହି ବାର୍ଷିକ କ୍ରୀଡ଼ା ମହୋତ୍ସବକୁ ଗେମ୍ସ ଆଣ୍ଡ ସ୍ପୋର୍ଟ୍ସ ସୋସାଇଟି ଆୟୋଜନ କରିଥିବା ବେଳେ ୭ଟି କ୍ରୀଡ଼ା ବିଭାଗରେ ସଫଳତା ସାଉଁଟିଛି ସୋଆ। ଏହି ସଫଳତା ହାସଲ ନେଇ ବିଜୟୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ। ଆୟୋଜିତ ପ୍ରତିଯୋଗିତାରେ ସୋଆର ଭଲିବଲ ପୁରୁଷ ଟିମ୍ ରନର୍ସ ଅପ୍ ଟାଇଟଲ ହାସଲ କରିଥିବା ବେଳେ ଖୋ ଖୋ ପୁରୁଷ ଟିମ୍ ଓ ଖୋ ଖୋ ମହିଳା ଟିମ୍ ମଧ୍ୟ ରନର୍ସ ଅପ୍ ଟାଇଟଲ୍ ହାସଲ କରିଛନ୍ତି। ସେହିପରି କବାଡି ପୁରୁଷରେ ମଧ୍ୟ ରନର୍ସ ଅପ୍ ଟାଇଟଲ୍ ହାସଲ କରିଛି ସୋଆ। କ୍ରିକେଟ ପ୍ରତିଯୋଗିତାରେ ସୋଆ ବିଜେତା କପ୍ ହାତେଇଛି।

# ଟିକରପଡ଼ାରେ ପ୍ରକୃତି ସହ ପରିଚୟ କାର୍ଯ୍ୟକ୍ରମ

ଅନୁଗୋଳ : ଅନୁଗୋଳ ଜଙ୍ଗଲ ବିଭାଗ ପକ୍ଷରୁ ଟିକରପଡ଼ା ନେଚର୍ କ୍ୟାମ୍ପ ଠାରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଛାତ୍ର ଓ ଶିକ୍ଷକ ମାନେ ଯୋଗ ଦେଇଥିବା ଏହି କର୍ମଶାଳା ରେ ସିଦ୍ଧାର୍ଥ ଜୈନ, ଆଇଏଫ୍ଏସ ଏବଂ ମନୋରଞ୍ଜନ ପଣ୍ଡା, ବାୟୋଲୋଜିଷ୍ଟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। କର୍ମଶାଳାରେ୧୦୦ ଜଣ ଛାତ୍ର ଛାତ୍ରୀ



ଏବଂ ୧୦ ଜଣ ଶିକ୍ଷକ ଅଂଶଗ୍ରହଣ କରିଥିଲେ ।ପ୍ରକୃତିକୁ କିଭଳି ସୁରକ୍ଷିତ ରଖିହେବ,ପ୍ରକୃତି କୁ କିଭଳି ବିପଦ ଗ୍ରାସ କରୁଚି, ଆମଜୈବ ବିବିଧତା ର ଉପକାରିତା ଆଦି ବିଷୟରେ ଆଲୋଚନା ହୋଇଥିଲା।ଛାତ୍ର ଛାତ୍ରୀ ମାନେବିତର୍କ, କ୍ୱିଜ୍ ପ୍ରତିଯୋଗିତା ରେ ଭାଗ ନେବା ସହ ବୋଟିଂ ର ମଜା ନେଇଥିଲେ। କୃତୀ ଛାତ୍ର ଛାତ୍ରୀ ଙ୍କୁପୁରସ୍କୃତ କରାଯାଇଥିଲା।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ